# ଭାଜପା ସରକାରକୁ ଆସିଲେ ମହିଳାଙ୍କୁ ୫୦ ହଜାର

## ଭୁବନେଶ୍ୱରରୁ ପ୍ରଚାର ଆରମ୍ଭ କଲେ ହେମାମାଳିନୀ



ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)

ଭାଜପା ଏମ୍‌ପି ତଥା ଡ୍ରିମ୍‌ଗର୍ଲ ହେମାମାଳିନୀ ଶୁକ୍ରବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱରରୁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ସାଲିଆସାହି ଆଶୀର୍ବାଦ ସମାବେଶରେ ଯୋଗଦେଇ ମେ' ୨୫ରେ ଭୁବନେଶ୍ୱରରେ ହେବାକୁ ଥିବା ନିର୍ବାଚନରେ ଭାଜପା ବିଧାୟକ ପ୍ରାର୍ଥୀ ଏବଂ ଏମ୍‌ପି ପ୍ରାର୍ଥୀଙ୍କୁ ପଦ୍ମଫୁଲରେ ଭୋଟ୍ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ହେମାମାଳିନୀ 'ରାଧେ ରାଧେ'ରୁ ନିଜ ଭାଷଣ ଆରମ୍ଭ କରିଥିଲେ। ସେ କହିଲେ, ଓଡ଼ିଶାରେ କଂଗ୍ରେସ ଓ ବିଜେଡି ସରକାର ବହୁ ବର୍ଷ କ୍ଷମତାରେ ରହିବା ପରେ ବି ରାଜ୍ୟର ସେପରି ଆଖିଦୃଶିଆ ବିକାଶ ହୋଇ ନାହିଁ ବରଂ ଭ୍ରଷ୍ଟାଚାର, ବେକାରି ବଢିଛି। ରାଜ୍ୟ ସରକାର କିଛି କାମ ନ କରି ବହୁ ବିକାଶ କରୁଥିବା ଭାବୁଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ପାଇଁ ୧୮ ଲକ୍ଷ କୋଟି ଦେଇଥିଲେ ମଧ୍ୟ ଏଠାରେ ବିକାଶ ହୋଇ ପାରିନାହିଁ। ତେଣୁ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ହେଲେ ବିକାଶ ହେବ ବୋଲି ହେମାମାଳିନୀ କହିଥିଲେ। ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏଠାରେ 'ସୁଭଦ୍ରା ଯୋଜନା' ଲାଗୁ କରାଯିବ। ସବୁ ମହିଳାଙ୍କୁ ୫୦ ହଜାର ଲେଖାଏ ଟଙ୍କା ମିଳିବ ବୋଲି ସେ କହିଥିଲେ। ଏଥିସହ ବିଜେଡି ସରକାର ୨୫ବର୍ଷ ଶାସନରେ ରହିଥିଲେ ବି ରାଜ୍ୟର କୌଣସି ଆଖିଦୃଶିଆ ଉନ୍ନତି କରିପାରି ନାହାନ୍ତି। ମାତ୍ର ମୋଦିଜୀଙ୍କ ନେତୃତ୍ୱରେ ଦେଶର ନବନିର୍ମାଣ ହେଉଛି। ଏବେ ସମଗ୍ର ଦେଶରେ ପରିବର୍ତ୍ତନର ହାୱା ବହୁଛି। ତେଣୁ ଓଡ଼ିଶାରେ ମଧ୍ୟ ଏଥର ସରକାର ପରିବର୍ତ୍ତନ ହେବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ। ସେହିପରି ମୁମ୍ବାଇର ଧରାବୀ ଅଞ୍ଚଳର ଉଦାହରଣ ଦେଇ ସାଲିଆସାହିର ବିକାଶ କଥା କହିଥିଲେ। ଓଡ଼ିଶା ଏକ ସୁନ୍ଦର ଜାଗା। ଏହାର ସଂସ୍କୃତି ଖୁବ ଉଚ୍ଚକୋଟୀର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଏଠାରେ ଭରପୂର ସୁଯୋଗ ରହିଛି। ମାତ୍ର ଏହା ଉପରେ ରାଜ୍ୟ ସରକାର ଧ୍ୟାନ ଦେଉ ନ ଥିବାରୁ ରାଜ୍ୟର ଉନ୍ନତି ହୋଇପାରୁନି ବୋଲି ହେମାମାଳିନୀ କ୍ଷୋଭ ପ୍ରକାଶ କରିଥିଲେ।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ କହିଲେ, ଆମେ ଭାଷଣ କମ୍ ଦେବା ଏବଂ କାମ ଅଧିକ କରିବା। ବସ୍ତିରେ ରାଜ୍ୟ ସରକାର ବାରମ୍ବାର ପଟ୍ଟା ବଣ୍ଟନ କରୁଛନ୍ତି। ମାତ୍ର ସେଥିରେ ପ୍ଲଟ ନମ୍ବର କି ଖାତା ନମ୍ବର ନାହିଁ। ଫଲ୍ସ ପଟ୍ଟା ଦେଇ ବିଜେଡି ଲୋକଙ୍କୁ ଭୁଆଁ ବୁଲାଉଛି। ମାତ୍ର ରାଜ୍ୟରେ ଭାଜପା ସରକାର ଆସିଲେ ପ୍ରତ୍ୟେକ ବସ୍ତିବାସିନ୍ଦାଙ୍କୁ ୬ଶହ ବର୍ଗଫୁଟର ଅସଲି ପଟ୍ଟା ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଲୋକଙ୍କୁ ମାତ୍ର ୫୪ ପଇସା ଦେଇ ବିଜେଡି ଭୋଟ କିଣିବାକୁ ବସିଛି ବୋଲି ଅଭିଯୋଗ ଆଣିଥିଲେ। ବିଜେଡି ମହିଳାଙ୍କ ପିଛା ୧ହଜାର ଟଙ୍କା ବାଣ୍ଟୁଛି ବା ଆଗକୁ ବାଣ୍ଟିବ। ତେବେ ହିସାବ ଦେଖିଲେ ୫ ବର୍ଷରେ ୧୮୨୬ ଦିନ ପାଇଁ ୧ ହଜାର ଟଙ୍କା ଦେଉଛି। ଅର୍ଥାତ ଦିନକୁ ମାତ୍ର ୫୪ ପଇସା ପଡୁଛି। ଅପରପକ୍ଷେ 'ସୁଭଦ୍ରା' ଯୋଜନାରେ ମୋଦି ମହିଳାଙ୍କୁ ୫୦ ହଜାର ଟଙ୍କା ଦେବେ ବୋଲି ଅପରାଜିତା କହିଥିଲେ। ସମାବେଶରେ ଭାଜପା ଉତ୍ତର ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ କର୍ମୀ ଯୋଗଦେଇ ଭାଜପା ସରକାରକୁ ଭୋଟ୍ ଦେବାକୁ ନିବେଦନ କରିଥିଲେ। ସମାବେଶ ପରେ ବିଧାୟକ ପ୍ରାର୍ଥୀ ପ୍ରିୟଦର୍ଶୀ ମିଶ୍ର ଇଞ୍ଜଣା ଓ କଳାରାହଙ୍ଗରେ ରୋଡ୍‌ଶୋ କରିଥିଲେ। ସନ୍ଧ୍ୟାରେ ୱାର୍ଡ ନଂ.୪ରେ ଭୋଟ ଭିକ୍ଷା କରିବା ସହ ୧ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ବାଇକ ରାଲିରେ ଯାଇ ଶକ୍ତି ପ୍ରଦର୍ଶନ କରିଥିଲେ। ସ୍ଥାନୀୟ ଲୋକେ ପ୍ରିୟଦର୍ଶୀଙ୍କୁ ଫୁଲ ପକାଇ ବାଜାବାଣରେ ସ୍ୱାଗତ କରିବା ସହ ନିଜର ସମର୍ଥନ ଜଣାଇଥିଲେ।

# ଭୁବନେଶ୍ୱରରେ ପାଣ୍ଡିଆନ୍‌ଙ୍କ ମାରାଥନ୍ ପ୍ରଚାର



ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲିଆ ସାହିରେ ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ ଜନସାଧାରଣଙ୍କୁ ଭେଟୁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ଅଛନ୍ତି ବସ୍ତିବାସିନ୍ଦା

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ସାଲିଆସାହିବାସୀଙ୍କ ଭଲ ଚାହାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସେମାନଙ୍କ କଥା ଆଗ ଚିନ୍ତା କରନ୍ତି। ଅନ୍ୟ ରାଜନୈତିକ ନେତାମାନେ ସାଲିଆସାହିବାସୀଙ୍କୁ ଭୋଟ ପାଇଁ ଏଠାରେ ରଖିଥିବାବେଳେ ମୁଖ୍ୟମନ୍ତ୍ରୀ ତାଙ୍କୁ ହୃଦୟରେ ରଖିଛନ୍ତି ବୋଲି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। ଶୁକ୍ରବାର ଉତ୍ତର ଭୁବନେଶ୍ୱର ଅନ୍ତର୍ଗତ ସାଲିଆସାହିରେ ପ୍ରଚାର କରିବା ଅବସରରେ ପାଣ୍ଡିଆନ୍ କହିଲେ, ମୁଖ୍ୟମନ୍ତ୍ରୀ ଭୋଟ ପାଇଁ କାମ କରନ୍ତି ନାହିଁ, ବରଂ ଲୋକଙ୍କୁ ଭଲରେ ରଖିବାକୁ କାମ କରନ୍ତି। କୌଣସି ରାଜ୍ୟରେ ଭାଜପା କିମ୍ବା ଅନ୍ୟ କୌଣସି ସରକାର ବସ୍ତିବାସୀଙ୍କୁ ପଟ୍ଟା ଦେଇନାହାନ୍ତି କିମ୍ବା ଘର ତିଆରି କରିନାହାନ୍ତି। ବସ୍ତିବାସିନ୍ଦାଙ୍କୁ ସମ୍ମାନ ଦେବାରେ ନବୀନ ପଟ୍ଟନାୟକ ଦେଶର ପ୍ରଥମ ନେତା। ବସ୍ତିକୁ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ଯୋଜନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିପରି ଆଇଆର୍‌ସି ଭିଲେଜ୍ ସ୍କୁଲ ରୂପାନ୍ତରଣ ଆଦି ବିଭିନ୍ନ କାର୍ଯ୍ୟ ମଧ୍ୟ କରାଯାଇଛି। ତେବେ ମୋ ଉପରେ ବିଶ୍ୱାସ ରଖନ୍ତୁ, ମୁଁ ରାଜନୀତି ଜାଣିନି, କାମ କରିବା ଜାଣିଛି ବୋଲି ପାଣ୍ଡିଆନ୍ କହିଛନ୍ତି। ଏଥିସହ ଜୁଲାଇରୁ ବିଜୁଳି ବିଲ୍ ଆସିବ ନାହିଁ, ବିଏସ୍‌କେୱାଇରେ ସମସ୍ତେ ସାମିଲ୍ ହେବେ ଏବଂ ମିଶନ୍ ଶକ୍ତି ମହିଳାମାନେ ପେନ୍‌ସନ୍ ପାଇବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ସେ କହିଥିଲେ।

## ସି.ପି.ଆଇ.(ଏମ୍) ପ୍ରାର୍ଥୀ ସୁରେଶଚନ୍ଦ୍ରଙ୍କୁ ଜିତାଇବାକୁ ବାମ ଓ ଧର୍ମନିରପେକ୍ଷ ଦଳଙ୍କ ଆହ୍ୱାନ

ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)- ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀରେ ବାମପନ୍ଥୀ ଧର୍ମନିରପେକ୍ଷ ଦଳ ସମର୍ଥୀତ ସି.ପି.ଆଇ.(ଏମ୍) ପ୍ରାର୍ଥୀ ସୁରେଶଚନ୍ଦ୍ର ପାଣିଗ୍ରାହୀଙ୍କୁ ଦା, ହାତୁଡି, ତାରା ଚିହ୍ନରେ ଭୋଟ୍ ଦେଇ ବିଜୟୀ କରିବାକୁ ସି.ପି.ଆଇ, ସି.ପି.ଆଇ.(ଏମ୍), ସି.ପି.ଆଇ.(ଏମ୍‌ଏଲ୍) ଲିବରେସନ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ଏନ.ସି.ପି., ଆର.ପି.ଆଇ ଦଳମାନଙ୍କ ପକ୍ଷରୁ ନିବେଦନ କରାଯାଇଛି। ସାରା ଦେଶରେ ଭାଜପାର ସାମ୍ପ୍ରଦାୟିକତାବାଦୀ କାର୍ଯ୍ୟ ବିରୋଧରେ ସମସ୍ତ ବାମପନ୍ଥୀ, ଧର୍ମନିରପେକ୍ଷ ଦଳମାନେ ଏକତ୍ରୀତ ହୋଇ ଏହି ନିର୍ବାଚନରେ ଭାଜପା ଓ ବିଜେଡି ଉଭୟ ଦଳକୁ ପରାସ୍ତ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଦେଶବାସୀଙ୍କ ମୌଳିକ ଆବଶ୍ୟକତା ଯଥା- ଖାଦ୍ୟ, ବାସଗୃହ, ଘରଡିହ ପଟ୍ଟା, ରୋଜଗାର, ସମସ୍ତଙ୍କୁ ଶିକ୍ଷା, ଗମନାଗମନ ବ୍ୟବସ୍ଥା, ମାଗଣା ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ସହ ଦେଶର ସମ୍ବିଧାନ ଓ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ରକ୍ଷା କରିବା ଦିଗରେ ଏହି ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ସମ୍ପ୍ରତି କେନ୍ଦ୍ର ଏବଂ ରାଜ୍ୟ ସରକାର ଏ ସବୁ ଦିଗ ଉପରେ ଧ୍ୟାନ ଦେଉ ନ ଥିବାବେଳେ ପ୍ରାର୍ଥୀ ସୁରେଶ ଜିତିବା ପରେ ସି.ପି.ଆଇ.(ଏମ୍) ଦଳ ଏହା ଉପରେ ଦୃଷ୍ଟି ଦେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ତ୍ୱରାନ୍ୱିତ ହେବ ଏକାମ୍ର ପ୍ରକଳ୍ପ: ଅଶୋକ



ଶୋଭାଯାତ୍ରାରେ ମେୟର ସୁଲୋଚନା ଦାସ ଓ ଅନ୍ୟମାନଙ୍କ ସହ ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡା।

ପୁରୁଣା ଭୁବନେଶ୍ୱର, ୧୭।୫
(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କ୍ଷେତ୍ରକୁ ନେଇ ଏକାମ୍ର ନିର୍ବାଚନ ମଣ୍ଡଳୀ ନାମକରଣ ହୋଇଛି। ଏହି ଅଞ୍ଚଳର ଉନ୍ନତ୍ତୀକରଣ ପାଇଁ ସଦାସର୍ବଦା ଚେଷ୍ଟା କରିଆସିଛି। ଏକାମ୍ର ପ୍ରକଳ୍ପ କିପରି ତ୍ୱରାନ୍ୱିତ ହେବ ସେଥିପ୍ରତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧ୍ୟାନ ଦେଇଛନ୍ତି ବୋଲି ନିର୍ବାଚନ ପ୍ରଚାର ସମୟରେ ଏକାମ୍ର ବିଧାନସଭା ବିଜେଡି ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି। ଶୁକ୍ରବାର ଲିଙ୍ଗିପୁର ପଞ୍ଚାୟତରେ ଏକ ଶୋଭାଯାତ୍ରା ହୋଇଥିଲା। ଗଙ୍ଗୋତ୍ରୀନଗରଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଲିଙ୍ଗିପୁର ଗ୍ରାମ, ଇନ୍ଦିରା କଲୋନୀ, ରଘୁନାଥପୁର, ନାଥପୁର, ଜଗନ୍ନାଥପୁର ବିହାର, ମାରୁତି ବିହାର, ନାଥପୁର ଗ୍ରାମରେ ଅଶୋକଙ୍କୁ ଅଞ୍ଚଳବାସୀ ଭବ୍ୟ ସାଗତ ସମ୍ବର୍ଦ୍ଧନା ଜଣାଇଥିଲେ।। ସେହିଭଳି ଅପରାହ୍ନରେ ନାଗେଶ୍ୱର ମନ୍ଦିରଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ନାଗେଶ୍ୱରଟାଙ୍ଗୀ, ବିବେକାନନ୍ଦ ମାର୍ଗ, ଗୌତମନଗର ଅଞ୍ଚଳ ପରିକ୍ରମା କରିଥିଲା। ସନ୍ଧ୍ୟାରେ ବଡ଼ଗଡ ବ୍ରିଟ କଲୋନୀରୁ ପାଣ୍ଡବ ନଗର ଆଦି ଅଞ୍ଚଳରେ ଅଶୋକ ଜନସାଧାରଣଙ୍କୁ ଭେଟି ଭୋଟ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, କର୍ପୋରେଟର ନୃପେଶ ନାୟକ, ସନ୍ତୋଷ ସିଂହ, ସରପଞ୍ଚ କ୍ଷୀରୋଦ ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ବିନୋଦ ରାଉତ, ପୂର୍ବତନ କର୍ପୋରେଟର ଅଶୋକ ସିଂହ, ଯୁବ ନେତା ପୂର୍ଣ୍ଣେନ୍ଦୁ ପୂଜାପଣ୍ଡା, ଛାତ୍ର ନେତା ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୁଶାନ୍ତ, ମନ୍ମଥଙ୍କ ପାଇଁ ଭୋଟ ମାଗିଲେ

ବାରଙ୍ଗ, ୧୭।୫(ଲିଙ୍ଗରାଜ ରାଉତ)

ନବୀନ ପଟ୍ଟନାୟକ ଆସନ୍ତା ଜୁନ ୯ ତାରିଖରେ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ। ଏହି ଦିନ ମାଗଣା ବିଦ୍ୟୁତ୍, ସମସ୍ତଙ୍କୁ ବିଏସ୍‌କେୱାଇ କାର୍ଡ ଏବଂ ମିଶନ ଶକ୍ତି ମା'ମାନଙ୍କ ପାଇଁ ଭତ୍ତା ସମ୍ପର୍କିତ ଦାବି ଉପରେ ମୋହର ମାରିବେ ବୋଲି ଶୁକ୍ରବାର ନୂଆବନ୍ତ ପଡ଼ିଆରେ ଅନୁଷ୍ଠିତ ସମାବେଶରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଯୋଗଦେଇ ଏହା କହିଛନ୍ତି। ଏଥିସହ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଏବଂ ଉତ୍ତର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁଶାନ୍ତ ରାଉତଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତାଇବାକୁ ପାଣ୍ଡିଆନ ନିବେଦନ କରିଥିଲେ। ଉତ୍ତର ନିର୍ବାଚନ ମଣ୍ଡଳୀର ଉନ୍ନତ୍ତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ମାଷ୍ଟର ପ୍ଲାନ ରହିଛି। ନୂଆବନ୍ତ ଡାକ୍ତରଖାନାକୁ ନେଇ ଦିଆଯାଇଥିବା ପ୍ରସ୍ତାବ ଉପରେ ନିର୍ବାଚନ ପରେ ପଞ୍ଚାୟତବାସୀ ଖୁସି ଖବର ପାଇବେ ବୋଲି ପାଣ୍ଡିଆନ୍ କହିଥିଲେ। ଏହି ଅବସରରେ ଦଳିତ ଆଦିବାସୀ ସୁରକ୍ଷା ମଞ୍ଚର ରାଜ୍ୟ ସଭାପତି ବିଦ୍ୟାଧର ଦେଉରି ତାଙ୍କର ସମର୍ଥକମାନଙ୍କ ସହ ବିଜେଡିରେ ଯୋଗଦେଇଥିଲେ। ଏହି ସମାବୋରେ ବହୁ ବିଜେଡି ନେତା, କର୍ମୀ ଓ ସମର୍ଥକ ଉପସ୍ଥିତ ଥିଲେ।

## 'ରାଜ୍ୟ ନେତାଙ୍କ ଲେଖାକୁ ଶୁଆ ଭଳି ଗାଇ ଦେଉଛନ୍ତି ଭାଜପାର ଟୁରିଷ୍ଟ ନେତା'

ଭୁବନେଶ୍ୱର, ୧୭।୫(ଶର୍ମିଷ୍ଠା ପାଣିଗ୍ରାହୀ)

ଭାଜପାର ମାଳ ମାଳ ଟୁରିଷ୍ଟ ନେତା ଏବେ ଓଡିଶାରେ। ଯେଉଁମାନେ ଓଡିଶା ବିଷୟରେ କିଛି ଜାଣିନାହାନ୍ତି। ରାଜ୍ୟ ନେତା ଯାହା ଲେଖା ଦେଉଛନ୍ତି, ସେମାନେ ଶୁଆ ଭଳି ଗାଇ ଦେଇ ଯାଉଛନ୍ତି। ଭାଜପାର ନାରା ହେଲା ନା କାମ କରିବୁ ନା କାମ କରାଇଦେବୁ। ଓଡିଶାର ସବୁ ଭଲକାମକୁ ଅଟକାଇବାକୁ ସଂକଳ୍ପ ନେଇ ସେମାନେ କାର୍ଯ୍ୟ କରୁଛନ୍ତି ବୋଲି ଶୁକ୍ରବାର ଶଙ୍ଖଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତା ଭୃଗୁ ବକ୍ସିପାତ୍ର ଓ ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର କହିଛନ୍ତି। ଭୃଗୁ କହିଲେ, ଓଡ଼ିଶାବାସୀ ସମସ୍ତେ ଜାଣିଛନ୍ତି, ଆସନ୍ତା ଜୁଲାଇ ରଥଯାତ୍ରା ସମୟରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବାକୁ ଯାଉଛି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ହୋଇଛି। ଏହି କମିଟି ପୂରା ପ୍ରକ୍ରିୟାର ତଦାରଖ କରିବ। ଗତ ମେ'ରେ କମିଟିର ବୈଠକ ମଧ୍ୟ ହୋଇସାରିଛି। ସବୁ ଜାଣି ଓଡ଼ିଶା ଭାଜପା ନେତା ଡ୍ରାମା କରୁଛନ୍ତି। ରାଜ୍ୟବାସୀଙ୍କ ଭାବାବେଗ ସହ ଖେଳିବାକୁ ସୁଆଙ୍ଗ ରଚୁଛନ୍ତି। ନିର୍ବାଚନରେ ଶୋଚନୀୟ ପରାଜୟର ଉପହାର ଭାଜପାକୁ ଦେବାକୁ ଜନତା ମନସ୍ଥ କରିସାରିଲେଣି ବୋଲି ସେ କହିଥିଲେ।

## ବିଜେଡିରେ ଯୋଗଦେଲେ କଂଗ୍ରେସ, ଭାଜପାର ନେତା ଓ କର୍ମୀ

ଭୁବନେଶ୍ୱର, ୧୭।୫ (ଅନୁରାଧା ମହାରଣା)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ କଂଗ୍ରେସର ପୂର୍ବତନ ଯୁବ ସଭାପତି ଶଙ୍କୁନର କହଁର ଶତାଧିକ କଂଗ୍ରେସ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ସହ ଶୁକ୍ରବାର ବିଜେଡିରେ ଯୋଗଦେଇଛନ୍ତି। ସେହିପରି ପୁରୀ ଜିଲା କାକଟପୁର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପା ନେତା ରବୀନ୍ଦ୍ର ମଲ୍ଲିକଙ୍କ ସହ ବହୁ ନିର୍ବାଚିତ ପ୍ରତିନିଧି ଓ ଶତାଧିକ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ଶଙ୍ଖଭବନରେ ପୃଥକ ଭାବେ ଆୟୋଜିତ ମିଶ୍ରଣ ପର୍ବରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ଏକାମ୍ରର ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ କୁମାର ପଣ୍ଡା ଓ ରାଜ୍ୟ ସଭା ସଦସ୍ୟ ଡ. ସସ୍ମିତ ପାତ୍ର ଉପସ୍ଥିତ ଥିଲେ। ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝି ଧନ୍ୟବାଦ ଦେଇଥିଲେ। ସେହିପରି ଯାଜପୁର ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶଙ୍ଖଭବନଠାରେ ରାଜ୍ୟସଭା ସଦସ୍ୟ ଡକ୍ଟର ପାତ୍ର ଓ ଯୁବ ବିଜେଡି ସାଧାରଣ ସମ୍ପାଦକ ସୌମ୍ୟ ରଞ୍ଜନ ଧଳଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ଜିଲା ଯୁବ କଂଗ୍ରେସ ସଭାପତି ସନ୍ତୋଷ କୁମାର ବେହେରା, ବଳରାମ ବେହେରା, ଚନ୍ଦନ ବେହେରା, ସରଧେନ୍ଦୁ ପତି, ସଂଜୟ ବେହେରା, ପ୍ରଫୁଲ୍ଲ ସାହୁ ଓ ଶୁଭାଶିଷ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ।



ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ କଂଗ୍ରେସ ନେତା ଶଙ୍କୁନର କହଁର ଓ ଅନ୍ୟମାନେ ବିଜେଡିରେ ଯୋଗଦେଉଛନ୍ତି।

## କାର୍ଯ୍ୟରତ ମତଦାତାଙ୍କୁ ସଙ୍କଳ୍ପ ପାଠ କରାଇଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର, ୧୭।୫(ଶର୍ମିଷ୍ଠା ପାଣିଗ୍ରାହୀ)



ଚଳିତ ସାଧାରଣ ନିର୍ବାଚନରେ ନିଶ୍ଚିତ ମତଦାନ କରିବାକୁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କାର୍ଯ୍ୟରତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କୁ ମତଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସଙ୍କଳ୍ପ ପାଠ କରାଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଶାସନ ସଚିବ କାର୍ଯ୍ୟରତ ଭୁବନେଶ୍ୱର ଭୋଟରଙ୍କୁ ଭାରତର ନାଗରିକ ଭାବେ ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖିବା, ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ଅକ୍ଷୁଣ୍ଣ ରଖି ନିର୍ଭୀକ ଭାବେ ଜାତି, ଧର୍ମ, ବର୍ଣ୍ଣ , ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ଆସନ୍ତା ମେ ୨୫ରେ ନିଶ୍ଚିତ ମତଦାନ କରିବାକୁ ସଂକଳ୍ପ କରାଇଥିଲେ। ସେହିପରି କାର୍ଯ୍ୟରତ ଅନ୍ୟ ବିଭିନ୍ନ ଜିଲା ଅନ୍ତର୍ଗତ ନିର୍ବାଚନମଣ୍ଡଳୀର ମତଦାତାମାନେ ଆସନ୍ତା ୨୦ ତାରିଖ ଏବଂ ଜୁନ ୧ରେ ନିଜ ମତଦାନ କେନ୍ଦ୍ରରେ ନିଶ୍ଚିତ ଭାବେ ମତଦାନ ସାବ୍ୟସ୍ତ କରିବାକୁ ମଧ୍ୟ ସେ ସଂକଳ୍ପ କରାଇଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସରକାରୀ ବିଭାଗ, ନିର୍ଦ୍ଦେଶାଳୟ, ନିଗମ, ସରକାରୀ ସଂସ୍ଥା ଓ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀଙ୍କୁ ଏ ସମ୍ପର୍କରେ ସଚେତନ କରାଯିବା ସହ ଚଳିତ ସାଧାରଣ ନିର୍ବାଚନରେ ମତଦାତାମାନେ ନିଶ୍ଚିତ ମତଦାନ କରିବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ମତଦାତାମାନେ ଭୋଟର ହେଲ୍ପଲାଇନ ଆପ୍ (ଭିଏଚ୍‌ଏ) ଡାଉନଲୋଡ୍ କରି କିମ୍ବା ଭୋଟର୍ସ ସର୍ଭିସ ପୋର୍ଟାଲ (ଭିଏସ୍‌ପି) ବ୍ୟବହାର କରି ନିଜ ଭୋଟର ତାଲିକାରେ ନାମ ତଥା ବୁଥ୍ ସମ୍ବନ୍ଧୀୟ ସୂଚନା ପାଇପାରିବେ ବୋଲି ଅବଗତ କରାଯାଇଛି। ଏହି ସଂକଳ୍ପ କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ପ୍ରମୁଖ ଶାସନ ସଚିବ ଉଷା ପାଢୀ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶକ ରେଘୁ ଜୀ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ, ଉପ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ମତଦାତାଙ୍କ ସଂକଳ୍ପ ପାଠ କରିଥିଲେ।

## ସଂକ୍ଷେପରେ

### ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଥିଲେ ଅବସରପ୍ରାପ୍ତ ଏଏସ୍‌ଓ
## ସ୍ଥାୟୀ ଭାବେ ବନ୍ଦ ହେଲା ପେନ୍‌ସନ, ଗ୍ରାଚ୍ୟୁଇଟି

କଟକ,୧୭।୫ (କାର୍ତ୍ତିକ ସାହୁ)

ଲାଞ୍ଚ ନେବା ମାମଲାରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଥିବା ବୋର୍ଡ ଅଫ୍ ରେଭିନ୍ୟୁର ଅବସରପ୍ରାପ୍ତ ଏଏସ୍‌ଓଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟି ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଏହା ଚଳିତମାସ ୧୬ ତାରିଖରୁ ଲାଗୁ ହେବ ବୋଲି ଜଣାପଡିଛି। ଅଭିଯୁକ୍ତ ଜଣଙ୍କ ହେଲେ ରେଣୁକା ଦେବୀ। ସେ ଭିଜିଲାନ୍ସ କୋର୍ଟ ଦ୍ୱାରା ୨୦୨୨ ନଭେମ୍ବର ୨୪ରେ ଦଣ୍ଡିତ ହୋଇଥିଲେ। ଭିଜିଲାନ୍ସ ସୂଚନା ଅନୁସାରେ, ପ୍ରାଇଭେଟ୍ ହସ୍ପିଟାଲ ଆସୋସିଏଶନ୍‌ର ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ପ୍ରଦାନ ପାଇଁ କଟକସ୍ଥିତ ବୋର୍ଡ ଅଫ୍ ରେଭେନ୍ୟୁର ତତ୍କାଳୀନ ଏଏସ୍‌ଓ ରେଣୁକା ଦେବୀ ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହେବା ସହ ତାଙ୍କୁ ଗିରଫ କରାଯାଇଥିଲା। କଟକ ଭିଜିଲାନ୍ସ କୋର୍ଟରେ ମାମଲାର ବିଚାର ହୋଇ ରାୟ ପ୍ରକାଶ ପାଇଥିଲା। ତାଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ନିମନ୍ତେ କୋର୍ଟ ଆଦେଶ ଦେଇଥିଲେ। ଜରିମାନା ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଥିଲେ।

### ମଦ ଜବତ, ୯ ଗିରଫ

କଟକ ସଦର,୧୭।୫ (ସୁଶାନ୍ତ କୁମାର ଜେନା)

୪୨ମୌଜା ଥାନା ତାଡ଼ପଡ଼ା ଗ୍ରାମରେ ଚୋରା ମଦ ବିକ୍ରି କରିବା ଅଭିଯୋଗରେ ପୋଲିସ ୯ ଜଣଙ୍କୁ ଗିରଫକରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହିଗ୍ରାମର ନବୀନ ଭୋଇ, ସାଗର ଭୋଇ, ଲକ୍ଷ୍ମୀପ୍ରିୟା ଭୋଇ, ପଞ୍ଚେଇ ଭୋଇ, ବାବି ଭୋଇ, ଟିକି ଭୋଇ, ବୁଲା ଭୋଇ, ରସା କାଣ୍ଡି ଓ ସଖୀ ଭୋଇ। ଗୁରୁବାର ସେମାନଙ୍କ ଘରେ ଚଢ଼ାଉ କରାଯାଇ ୨୦୦ ବୋତଲ ଆସ୍କାଫର୍ଟ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

### ନିର୍ବାଚନ ପ୍ରଚାର କଲେ ପ୍ରକାଶ

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା ଶୁକ୍ରବାର ପଦଯାତ୍ରା କରି ଭୋଟ୍ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ସିଡିଏ ସେକ୍ଟର-୧୨ସ୍ଥିତ ଜଜ୍ ପଠାଠାରୁ ପ୍ରକାଶ ପଦଯାତ୍ରାରେ ବାହାରି ଧବଳେଶ୍ୱର ଗଡ଼ା, ବାଲ୍ମୀକି ନଗର, ବ୍ରଜବିହାରୀପୁର ସମେତ ବିଭିନ୍ନ ଅଞ୍ଚଳକୁ ଯାଇଥିଲେ। ଏଥିରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, କର୍ପୋରେଟର ପ୍ରଦୀପ ରାଉତ, ୱାର୍ଡ ସଭାପତି ମନୋରଞ୍ଜନ ଦାସ, ୱାର୍ଡ ଯୁବ ସଭାପତି ଆଲୋକ ମହନ୍ତ, ୱାର୍ଡ ଛାତ୍ର ସଭାପତି ରାକେଶ ସେଠୀ, ୱାର୍ଡ ମହିଳା ସଭାନେତ୍ରୀ ସୁଷମା ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ପରେ ସିଏମ୍‌ସିର ୨୬, ୨୭, ୨୯ ନମ୍ବର ୱାର୍ଡରେ ପଦଯାତ୍ରା କରାଯାଇଥିଲା। ପ୍ରକାଶ ଘର ଘର ବୁଲି ଭୋଟରଙ୍କ ସମସ୍ୟା ବୁଝିଥିଲେ। ଆଗାମୀ ଦିନରେ ନିର୍ବାଚନରେ ବିଜୟୀ ହେଲେ ଏହାର ସମାଧାନ ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ବର୍ଷାଦିନ ପୂର୍ବରୁ ସଫାହେବ ନାଳନର୍ଦ୍ଦମା



ସହର ସମନ୍ୱୟ କମିଟି ବୈଠକରେ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ସମେତ ଅନ୍ୟମାନେ।

କଟକ,୧୭।୫ (କାର୍ତ୍ତିକ ସାହୁ)

**ସହର ସମନ୍ୱୟ କମିଟି ବୈଠକ**

ମୌସୁମୀ ବାୟୁର ଆଗମନ ବା ବର୍ଷା ଆରମ୍ଭ ହେବା ପୂର୍ବରୁ ଯୁଦ୍ଧକାଳୀନ ଭିତ୍ତିରେ କଟକ ସହରର ସମସ୍ତ ନାଳ, ନର୍ଦ୍ଦମା ସଫେଇ ଶେଷ ହେବ। କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଗଠିତ ସମନ୍ୱୟ କମିଟି ବୈଠକରେ ଏନେଇ ନିଷ୍ପତ୍ତି ନିଆଯାଇଛି। ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବର୍ଷାଜଳ ନିଷ୍କାସନ ଓ ନର୍ଦ୍ଦମା ସଫା କାର୍ଯ୍ୟକୁ ପରିଚାଳନା କରିବା ପାଇଁ ଏକ ତଦାରଖ କମିଟି ଗଠନ କରାଯାଇଛି। ଏହି କମିଟି ବିଭିନ୍ନ ସମୟରେ କଟକ ସହରର ନାଳନର୍ଦ୍ଦମା ପରିଦର୍ଶନ କରି ନିଷ୍କାସନ ବ୍ୟବସ୍ଥାର ସୁପରିଚାଳନା ପାଇଁ ପଦକ୍ଷେପ ନେବ। ସେଥିପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ଉକ୍ତ ତଦାରଖ କମିଟିକୁ ସହଯୋଗ କରିବେ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ବିଶେଷକରି ଏସ୍‌ସିବି ମେଡିକାଲ କଲେଜ ଓ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ପରିସର ସମେତ କେଶରପୁର, ଗମ୍ଭାଡିଆ, ମେରିଆବଜାର ଅଞ୍ଚଳରେ ବର୍ଷାଜଳ ନିଷ୍କାସନ ନେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରେଲୱେ ଓ ଜାତୀୟ ରାଜପଥ ଅଧୀନରେ ଥିବା ଡ୍ରେନଗୁଡିକ ନିୟମିତ ସଫା କରିବା ପାଇଁ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏସ୍‌ସିବି ମେଡିକାଲର ନାଳନର୍ଦ୍ଦମା ସଫେଇ ଦାୟିତ୍ୱ ୱାଟ୍‌କୋକୁ ଦିଆଯାଇଛି। ସହର ମଧ୍ୟରେ ଥିବା ଛୋଟବଡ଼ ନାଳଗୁଡ଼ିକୁ ସଫା କରିବା ଲାଗି କଟକ ମହାନଗର ନିଗମକୁ ଦାୟିତ୍ୱ ଦିଆଯାଇଛି। ଭାଙ୍ଗିଯାଇଥିବା ନାଳକୁ ସଜାଡ଼ିବା ଓ ସ୍ଲାବ୍ ପକାଇବା ସହିତ ଜଳ ନିଷ୍କାସନରେ ବ୍ୟବହୃତ ହେଉଥିବା ପମ୍ପଗୁଡ଼ିକୁ ସଜାଡ଼ି ବର୍ଷାଜଳ ନିଷ୍କାସନ ପାଇଁ ପ୍ରସ୍ତୁତ ରଖିବାକୁ ସିଏମ୍‌ସି ଇଞ୍ଜିନିୟରିଂ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ସିଏମ୍‌ସି କମିଶନର ବିଜୟ କୁମାର ଦାଶ, ରେଲୱେର ବରିଷ୍ଠ ଅଧିକାରୀ, ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ, ପୂର୍ତ୍ତ ବିଭାଗ ଡିଭିଜନ-୧ ଓ ୨ର ଅଧୀକ୍ଷଣ ଯନ୍ତ୍ରୀ, ଡ୍ରେନେଜ୍ ଡିଭିଜନ୍‌ର ଅଧୀକ୍ଷଣ ଯନ୍ତ୍ରୀ, ୱାଟ୍‌କୋ, ସ୍ୱେରେଜ, ଡ୍ରେନେଜ୍ ଓ ଜଳଯୋଗାଣ ବିଭାଗର ସାଧାରଣ ପରିଚାଳକଙ୍କ ସମେତ ଡିପିସିଓଡିଏଲ ଡିଭିଜନ ୧ ଓ ୨ର ନିର୍ବାହୀଯନ୍ତ୍ରୀ ଉପସ୍ଥିତ ଥିଲେ।




କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ଖ୍ରୀଷ୍ଟିଆନ୍ ଖେଳପଡିଆରେ ବିଜୁ ଶ୍ରମିକ ସାମୂଖ୍ୟ ପକ୍ଷରୁ ଅନୁଷ୍ଠିତ ଜିଲ୍ଲାସ୍ତରୀୟ କନ୍‌ଭେନସନ୍‌ରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ରୋଡ୍ ଶୋ' ଅଧାରୁ ଫେରିଗଲେ ହେମାମାଳିନୀ



କିଶୋରନଗର ଅଞ୍ଚଳରେ ଏମ୍‌ପି ତଥା ଅଭିନେତ୍ରୀ ହେମାମାଳିନୀ ରୋଡ୍ ଶୋ' କରୁଛନ୍ତି।

କଟକ ସଦର, ୧୭।୫ (ସୁଶାନ୍ତ କୁମାର ଜେନା)

**କିଶୋରନଗରରେ ଭାଜପାର ନିର୍ବାଚନୀ ସଭା**

କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କିଶୋରନଗରଠାରେ ଭାଜପା ପକ୍ଷରୁ ରୋଡ୍ ଶୋ' ସହିତ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏହି ରୋଡ୍ ଶୋ'ରେ ମଥୁରା ଏମ୍‌ପି ତଥା ଅଭିନେତ୍ରୀ ହେମାମାଳିନୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିଲା। ନିର୍ଦ୍ଧାରିତ ସମୟର ୧ ଘଣ୍ଟା ବିଳମ୍ବରେ ହେମାମାଳିନୀ ପହଞ୍ଚି ରୋଡ୍ ଶୋ କରିଥିଲେ। ମାତ୍ର ୨ କିମି ଯିବା ପରେ ହଠାତ୍ ସେ ଅସୁସ୍ଥ ଅନୁଭବ କରିଥିଲେ। ଫଳରେ ଅଧାରୁ ରୋଡ୍ ଶୋ'ରୁ ବାହାରି ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଯାଇଥିଲେ। ହେଲେ ଏହି ରୋଡ୍ ଶୋ'ରେ ବିଧାୟକ ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀ ଓ ରାଜସ୍ଥାନ ମନ୍ତ୍ରୀ ଅବିନାଶ ଗେହଲଟ ଆସି ସଭାସ୍ଥଳରେ ପହଞ୍ଚିଥିଲେ। ସ୍ୱାଧୀନଚେତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଗେହଲେଟ ଯୋଗଦେଇ ଡବଲ ପଦ୍ମଫୁଲରେ ଭୋଟ ଦେବା ପାଇଁ ଭୋଟରମାନଙ୍କୁ ନିବେଦନ କରିଥିଲେ। କଟକ ସଦର ଆସନରେ ଭାଜପା ପ୍ରାର୍ଥୀ ଜିତିଲେ ଏହି ସ୍ଥାନକୁ ହେମାମାଳିନୀ ଆଉଥରେ ଆସି ଲୋକଙ୍କୁ ସମ୍ବୋଧନ କରିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ସଭାରେ କଟକ ସଦର ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ସାଧୁ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିଭା ଶତପଥୀ, କଳ୍ପନା ପଟ୍ଟନାୟକ, ସୁଜାତା ସେଠୀ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, କୁଞ୍ଜମୋହନ ସେଠୀ, କର୍ପୋରେଟର ଲିପ୍ସା ନାୟକ, ରାକେଶ ସ୍ୱାଇଁ, ମମତା ମହାନ୍ତି, ବିଚିତ୍ରାନନ୍ଦ ଜେନା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ରଘୁନାଥ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

# ପ୍ରକାଶ ପାଇଲା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା

କଟକ,୧୭।୫ (କାର୍ତ୍ତିକ ସାହୁ)

**ଅନ୍ତିମ ପର୍ଯ୍ୟାୟ ନିର୍ବାଚନ**

**ମାହାଙ୍ଗା ୧୩, ସାଲେପୁର ୯, ନିଆଳିରେ ୯ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ**

ମାହାଙ୍ଗା, ସାଲେପୁର ଓ ନିଆଳି ବିଧାନସଭା ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ତଦନୁସାରେ ମାହାଙ୍ଗାରେ ୧୩, ସାଲେପୁରରେ ୯ ଓ ନିଆଳିରେ ୯ ଜଣ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଏହି ପ୍ରାର୍ଥୀମାନଙ୍କ ମଧ୍ୟରେ ଲଢ଼େଇ ହେବା ନିଶ୍ଚିତ ହୋଇଯାଇଛି। ନିର୍ବାଚନ ନିମନ୍ତେ ଗତ ୭ ତାରିଖରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇ ୧୪ ତାରିଖରେ ଶେଷ ହୋଇଥିଲା। ଗତ ୧୫ ତାରିଖରେ ପ୍ରାର୍ଥିପତ୍ରଗୁଡିକର ଯାଞ୍ଚ କରାଯାଇଥିଲା। ୧୭ ତାରିଖ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଥିଲା। ଏହି ୩ ବିଧାନସଭା ନିର୍ବାଚନମଣ୍ଡଳୀରେ ଆସନ୍ତା ଜୁନ୍ ୧ରେ ମତଦାନ ଅନୁଷ୍ଠିତ ହେବ। ଏଥିସହ ଜୁନ୍ ୪ରେ ଭୋଟ ଗଣତି ପ୍ରକ୍ରିୟା ଅନୁଷ୍ଠିତ ହେବ।

ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଅନୁଯାୟୀ, ମାହାଙ୍ଗା ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡିରୁ ଅଙ୍କିତ୍ ପ୍ରତାପ ଜେନା, ବହୁଜନ ସମାଜ ପାର୍ଟିରୁ ଗୋଲାମ ଜିଲାନି ଖାନ୍, କଂଗ୍ରେସ୍‌ରୁ ଦେବେନ୍ଦ୍ର କୁମାର ସାହୁ, ଆମ୍ ଆଦ୍‌ମୀ ପାର୍ଟିରୁ ସାରଦା ପ୍ରସାଦ ଦାସ, ଭାଜପାରୁ ସୁମନ୍ତ କୁମାର ଘଡ଼େଇ, ଓଡ଼ିଶା ଜନତା ପାର୍ଟିରୁ ଚିତ୍ତରଞ୍ଜନ ସାହୁ, ଉତ୍କଳ ସମାଜ ପାର୍ଟିରୁ ଚିତ୍ତରଞ୍ଜନ ରାଉତ, ଇଣ୍ଡିଆନ୍ ସିଟିଜେନସ୍ ପାର୍ଟିରୁ ଡ. ଦୁର୍ଗା ଚରଣ ନାୟକ, ସମୃଦ୍ଧ ଓଡ଼ିଶାରୁ ପ୍ରଦୀପ୍ତ ମହାନ୍ତି, ସମାଜବାଦୀ ପାର୍ଟିରୁ ଶାରଳାପୁତ୍ର ଶ୍ରୀରାମ ବିନୋଦ ଷଡ଼ଙ୍ଗୀ ଓ ସ୍ୱାଧୀନ ପ୍ରାର୍ଥୀ ଜୟନ୍ତ କୁମାର ଦାସ, ଶାରଦା ପ୍ରସାଦ ପ୍ରଧାନ ଓ ଶ୍ରୀରାମ ପାଣ୍ଡେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି।

ସାଲେପୁର ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ଅରିନ୍ଦମ ରାଏ, କଂଗ୍ରେସର ଆକ୍ୟୁବ୍‌ଜମା ଖାନ୍, ବିଜେଡିରୁ ପ୍ରଶାନ୍ତ ବେହେରା, କମ୍ୟୁନିଷ୍ଟ ପାର୍ଟିରୁ ବଦ୍ରି ନାରାୟଣ ଦାଶ, ବହୁଜନ ସମାଜ ପାର୍ଟିରୁ ଯଶୋବନ୍ତ ଜେନା, ସମାଜବାଦୀ ପାର୍ଟିରୁ ଅମରେଶ ପାତ୍ର, କୃପା ପାର୍ଟିରୁ ମଧୁସୂଦନ ସାହୁ ଓ ସ୍ୱାଧୀନ ପ୍ରାର୍ଥୀ ବିଶ୍ୱେଶ୍ୱର ସ୍ୱାଇଁ, ଶୁଭେଶ ରଞ୍ଜନ ପରିଡ଼ା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସ୍ପଷ୍ଟ ହୋଇଛି।

ସେହିପରି ନିଆଳି ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରମୋଦ କୁମାର ମଲ୍ଲିକ, ସମୃଦ୍ଧ ଓଡ଼ିଶାର ଅରୂପ କୁମାର ମଲ୍ଲିକ, ଭାଜପାର ଛବି ମଲ୍ଲିକ, ଜୟ ମହାଭାରତ ପାର୍ଟିର ଦିଲୀପ ଦାସ, ବହୁଜନ ସମାଜବାଦୀ ପାର୍ଟିର ବେଦପ୍ରକାଶ ଦାସ, କଂଗ୍ରେସ୍‌ର ଗୀତାଞ୍ଜଳି ମଲ୍ଲିକ ଏବଂ ସ୍ୱାଧୀନ ପ୍ରାର୍ଥୀ ଅଭିମନ୍ୟୁ ମଲ୍ଲିକ, କୃଷ୍ଣଚନ୍ଦ୍ର ବେହେରା, ତୃପ୍ତି ରଞ୍ଜନ ବେହେରା ଚୂଡ଼ାନ୍ତ ପ୍ରାର୍ଥୀ ତାଲିକାରେ ସାମିଲ ହୋଇଛନ୍ତି।

# ନିଆରା ଢଙ୍ଗରେ ମତଦାନ ପାଇଁ ସଚେତନ

କଟକ,୧୭।୫(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ(ସିବିସି) ପକ୍ଷରୁ ନିଆରା ଢଙ୍ଗରେ ମତଦାନ ପାଇଁ ଲୋକଙ୍କୁ ନିବେଦନ କରାଯାଇଛି। କଟକ ସିଡିଏ ସେକ୍ଟର-୯ସ୍ଥିତ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଆୟୋଜିତ ସ୍ୱତନ୍ତ୍ର ମତଦାନ ସଚେତନତା କାର୍ଯ୍ୟକ୍ରମରେ ସଚେତନଧର୍ମୀ ପାରମ୍ପରିକ ନୃତ୍ୟଗୀତ ମାଧ୍ୟମରେ ମତଦାତାଙ୍କୁ ଶୁକ୍ରବାର ସଚେତନ କରାଯାଇଛି। ଚଳିତ ନିର୍ବାଚନରେ କଟକ ସହରରେ ଶତପ୍ରତିଶତ ମତଦାନକୁ ଦୃଷ୍ଟିରେ ରଖି ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁଭାଷ ଚନ୍ଦ୍ର ରାୟ, କଟକ ଜିଲା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରାଜ ନାୟକ ଯୋଗଦେଇ ଆସନ୍ତା ୨୫ ତାରିଖରେ ନିଶ୍ଚିତ ଭାବରେ ନିଜର ମତଦାନ ସାବ୍ୟସ୍ତ କରିବାକୁ ସହରବାସୀଙ୍କୁ ନିବେଦନ କରିଥିଲେ। ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ, ଭୁବନେଶ୍ୱରର ଫିଲ୍ଡ ଏକ୍ସିବିଶନ ଅଫିସର ମହେନ୍ଦ୍ର ପ୍ରସାଦ ଜେନା ମତଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଭୋଟର ହେଲ୍ପଲାଇନ ନମ୍ବର ଏବଂ ନିର୍ବାଚନ କମିଶନର ଅନ୍ୟାନ୍ୟ ସହାୟତାଧର୍ମୀ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଜନସାଧାରଣଙ୍କୁ ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚରାଯାଇଥିବାବେଳେ ଠିକ୍ ଉତ୍ତର ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଛି। ସେଣ୍ଟ୍ରାଲ ବ୍ୟୁରୋ ଅଫ୍ କମ୍ୟୁନିକେଶନ, ଭୁବନେଶ୍ୱରର ଫିଲ୍ଡ ପବ୍ଲିସିଟି ଅଧିକାରୀ ସସ୍ମିତା ପାଇକରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




# 'ଭୋଟରଙ୍କୁ ସଚେତନ କରାଇବା ମୂଳ ଲକ୍ଷ୍ୟ'

କଟକ,୧୭।୫ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ୩୧ ନମ୍ବର ୱାର୍ଡ ଅଧୀନ ରାଣୀହାଟ ଅଞ୍ଚଳରେ କଂଗ୍ରେସ କଟକ ଲୋକ ସଭା ପ୍ରାର୍ଥୀ ସୁରେଶ ମହାପାତ୍ର ଓ ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ମୀରା ମଲ୍ଲିକ ଶୁକ୍ରବାର ପଦଯାତ୍ରା କରିଥିଲେ। ସେମାନେ ଘରକୁ ଘର ବୁଲି ଭୋଟରଙ୍କୁ ଭେଟିବା ସହ ଭୋଟ୍ ଦେବା ପାଇଁ ନିବେଦନ କରିଥିଲେ। ଏନେଇ ସୁରେଶ କହିଛନ୍ତି, ଦୁର୍ନୀତି କେଉଁମାତ୍ରାରେ ହୋଇଛି ତାହା ଜନସାଧାରଣ ଜାଣିସାରିଛନ୍ତି। ଲୋକେ ଏବେ ପରିବର୍ତ୍ତନ ଚାହୁଁଛନ୍ତି। ବିପୁଳ ସଂଖ୍ୟାରେ ଭୋଟ ଦେଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇଲେ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ମହାପାତ୍ର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମୀରା କହିଛନ୍ତି, ଭୋଟରଙ୍କୁ ସଚେତନ କରାଇବା ମୂଳ ଲକ୍ଷ୍ୟ ରହିଛି। ଭୋଟର ସଚେତନ ହେଲେ ଦୁର୍ନୀତି ହଟିବ। ଏହି କାର୍ଯ୍ୟକ୍ରମରେ ଯୁବକ, ଛାତ୍ର, ମହିଳାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ନିର୍ବାଚନ ପ୍ରଚାର କଲେ ସୋଫିଆ



ସିଏମ୍‌ସି ୨୫ନଂ. ୱାର୍ଡରେ କଂଗ୍ରେସ ବିଧାୟିକା ପ୍ରାର୍ଥୀ ସୋଫିଆ ଫିର୍ଦୋସ ପ୍ରଚାର କରୁଛନ୍ତି।

କଟକ, ୧୭।୫ (ଶିଳ୍ପା ପ୍ରିୟଦର୍ଶିନୀ)

ବାରବାଟୀ-କଟକ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋଫିଆ ଫିର୍ଦୋସ ସିଏମ୍‌ସି ୨୫ ନମ୍ବର ୱାର୍ଡରେ ଶୁକ୍ରବାର ପଦଯାତ୍ରା କରି ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ୱାର୍ଡର ମସ୍ତାନ୍ ରୋଡ ନିକଟରୁ ପଦଯାତ୍ରା ବାହାରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲେ। ଏହି ଅବସରରେ ସୋଫିଆ କହିଛନ୍ତି, କଟକ ସହରର ମୌଳିକ ସମସ୍ୟା ପ୍ରତି ଯତ୍ନବାନ ହେବା ସହ ମହିଳା ଓ ଯୁବକଙ୍କ ବିକାଶକୁ ଗୁରୁତ୍ୱ ଦେବି।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୱାର୍ଡ ଅଞ୍ଚଳରେ ନିର୍ବାଚନ ପାଇଁ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଥିଲା।

# 'କଟକବାସୀ ଓଡ଼ିଆ ଅସ୍ମିତା ବଞ୍ଚାଇବାରେ ପ୍ରମୁଖ ଭୂମିକା ନେବେ'

କଟକ/ଖୁଣ୍ଟୁଣୀ, ୧୭।୫ (ଶିଳ୍ପା ପ୍ରିୟଦର୍ଶିନୀ/ସଚ୍ଚିଦାନନ୍ଦ ପଣ୍ଡା)

ବାରବାଟୀ-କଟକ ଭାଜପା ପକ୍ଷରୁ ଚୌଧୁରୀ ବଜାରସ୍ଥିତ ଏକ ଗେଷ୍ଟ ହାଉସ୍ ପରିସରରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜସ୍ଥାନ ଏମ୍‌ପି ସି.ପି. ଯୋଶୀ ଯୋଗଦେଇଥିଲେ। ଏହି ଅବସରରେ ଅଶ୍ୱିନୀ କହିଛନ୍ତି, ପଦ୍ମଚିହ୍ନରେ ଭୋଟ ଦେଇ କଟକବାସୀ ଓଡ଼ିଆ ଅସ୍ମିତା ବଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ଶ୍ରୀମନ୍ଦିର ରତ୍ନଭଣ୍ଡାରର ହଜି ଯାଇଥିବା ଚାବିକୁ ଖୋଜି ପାଇବାରେ ଭାଜପା ସରକାର ସହାୟକ ହେବ। ଏବେ ସବୁଠୁ ବଡ଼ ପ୍ରଶ୍ନ ରତ୍ନଭଣ୍ଡାର ଚାବି କିଏ ନେଲା ତାହାର ଉତ୍ତର ଶାସକ ଦଳ ଦେବାରେ ପଛଘୁଞ୍ଚା ଦେଉଛି। ଏହି ସରକାରକୁ ବଦଳାଇବାକୁ ହେବ। ମୋଦି ସରକାର ସମୟରେ କଟକ ରେଳଷ୍ଟେଶନ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଛି। ଯେଉଁ ଏମ୍‌ପି ୬ଥର ନିର୍ବାଚିତ ହୋଇଛନ୍ତି ଏବଂ



ଚୌଧୁରୀବଜାରସ୍ଥିତ ଏକ ଗେଷ୍ଟ ହାଉସ୍‌ରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉଦ୍‌ବୋଧନ ଦେଉଛନ୍ତି।

ପୁରସ୍କୃତ ହୋଇଛନ୍ତି ତାଙ୍କୁ ଶାସକ ଦଳ ଅପମାନିତ କରିଛି। ଆସନ୍ତା ନିର୍ବାଚନରେ ତାହାର ଜବାବ କଟକ ସହରର ଭୋଟରମାନେ ଦେବେ। ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇଲେ ସମସ୍ତ ସମସ୍ୟାର ସମାଧାନ କରାଯିବ ବୋଲି ସେ କହିଛନ୍ତି। ସେହିପରି ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ରାଜ୍ୟରେ ସରକାରର ପରିବର୍ତ୍ତନ ହେବା ଆବଶ୍ୟକ। ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସମୀର ଦେ, ପୂର୍ବତନ କର୍ପୋରେଟର ଲକ୍ଷ୍ମୀଧର ପ୍ରଧାନ, ଦେବାଶିଷ ରାଏ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଲିଉଡ୍‌ର ସଙ୍ଗୀତ ନିର୍ଦ୍ଦେଶକ ଓ ପ୍ରଯୋଜକ ଦଳରେ ଯୋଗଦେଇଥିଲେ। ବାରବାଟୀ-କଟକ ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଥୋରିଆ ସାହିଠାରୁ ବାଇକ ଶୋଭାଯାତ୍ରାରେ ବାହାରି ହରିପୁର, ଦୋଳମୁଣ୍ଡାଇ, ଖୋଲାସାହି, ପିଠାପୁର ଦେଇ ଚୌଧୁରୀ ବଜାରଠାରେ ପହଞ୍ଚିଥିଲେ।

ସେହିପରି ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅଧୀନ କଖଡ଼ି ହାଟ ପଡ଼ିଆଠାରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ କହିଛନ୍ତି, ଆଠଗଡ଼ରେ ଆଖିଦୃଶିଆ ଉନ୍ନତୀମୂଳକ କାର୍ଯ୍ୟ ହୋଇପାରିନାହିଁ। ରାଜ୍ୟର ୬୦ଟି ରେଳଷ୍ଟେଶନକୁ ବିଶ୍ୱସ୍ତରୀୟ ଷ୍ଟେଶନରେ ପରିଣତ କରାଯାଉଛି। ଟିଗିରିଆରେ ଷ୍ଟାଡିୟମ ପାଇଁ ୫୦ଲକ୍ଷ ଟଙ୍କା ଦିଆଯାଇଛି। କଖଡ଼ି ପଡିଆ ଏକ ମିନି ଷ୍ଟାଡିୟମ ହେବାକୁ ଯାଉଛି। ଘଣ୍ଟିଖାଲରେ ରେଲଓଭର ବ୍ରିଜ୍ କାମ ଆରମ୍ଭ ହେଲାଣି। ଓଡ଼ିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶେଷ ଭାବେ ଗୁରୁତ୍ୱ ଦେଇଥିବା ସେ କହିଛନ୍ତି। ଏହି ସଭାରେ ଭାଜପା କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଆଠଗଡ଼ ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଭାଜପା ନେତା ହରେକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଏମ୍‌ପି ଦିଲ୍ଲୀପ ସାଇକିଆ, ଜିଲା ସଭାପତି ରାମ ନାରାୟଣ ମହାନ୍ତି, କଟକ ପ୍ରଭାରୀ ସୁବାସ ମହାନ୍ତି , ଭାଜପା ନେତା ବିକ୍ରମ ଦାସ, ବ୍ରଜେନ୍ଦ୍ର ରାୟ, ପୂର୍ବତନ ବିଧାୟକ ରମେଶ ରାଉତଙ୍କ ସମେତ କର୍ମୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୁଦାମ ବେଉରାଙ୍କ ନେତୃତ୍ୱରେ ବିଜେଡି ଛାଡି କୁଷ୍ପଙ୍ଗି ପଞ୍ଚାୟତରୁ ୧୦ଜଣ ଭାଜପାରେ ଯୋଗଦେଇଥିଲେ।

## ସଂକ୍ଷେପରେ

### ରାତିରେ ଚାଲାଣ ହେଉଛି ମାଙ୍କଡ଼ା ପଥର

ଖୋର୍ଦ୍ଧା,୧୭।୫ (ପ୍ରଭାତ ପାଣିଗ୍ରାହୀ)

ସାଧାରଣ ନିର୍ବାଚନ ପାଇଁ ପୋଲିସ ପକ୍ଷରୁ ରାତି ପାଟ୍ରୋଲିଂ, ଚେକିଂ କଡ଼ାକଡ଼ି କରାଯାଉଛି। ତେବେ ବିଭିନ୍ନ ଛକ ଏବଂ ରାଜପଥରେ ପୋଲିସ ପକ୍ଷରୁ ଚେକିଂ, ବ୍ଲକିଂ ଚାଲିଥିବା ବେଳେ ରାତିରେ ମାଙ୍କଡ଼ା ପଥର ଚୋରାଚାଲାଣ ଚାଲିଛି। ଖୋର୍ଦ୍ଧା-ନୟାଗଡ଼ ୫୭ ନଂ. ଏବଂ ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥରେ ବେଧଡ଼କଭାବେ ଚୋରାଚାଲାଣ ଚାଲିଛି। ଶରଧାପୁର, କୁମାରବସ୍ତ ଅଞ୍ଚଳରୁ ବିଳମ୍ବିତ ରାତିରେ ଟ୍ରକ୍, ହାଇଓ୍ୱାରେ ପଥର ଚୋରା ଚାଲାଣ ହେଉଛି। ଏଥିସହିତ କାଇପଦର, ନିଜିଗଡ଼ ଟାପଙ୍ଗ, ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ବୋଲଗଡ଼ ଓ ବେଗୁନିଆ ଆଦି ଅଞ୍ଚଳରୁ ଚୋରା ମାଙ୍କଡା ପଥର ଚାଲାଣ ହେଉଛି। ପ୍ରଶାସନ, ପୋଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ବେଆଇନଭାବେ ପଥର ଖନନ ହେବା ସହ ଚାଲାଣ ହେଉଛି। ଫଳରେ ସରକାର ରାଜସ୍ୱ ହରାଉଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

କୃଷ୍ଣପ୍ରସାଦ,୧୭।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ସାଧାରଣ ନିର୍ବାଚନରେ ମତଦାତାଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଭୟମୁକ୍ତ ନିର୍ବାଚନ ବାତାବରଣ ସୃଷ୍ଟି ପାଇଁ କୃଷ୍ଣପ୍ରସାଦ ଥାନା ପୋଲିସ ପକ୍ଷରୁ ଶୁକ୍ରବାର ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଆଇଆଇସି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ, ଚାରିଛକ, ଚିଲିକା ନୂଆପଡ଼ା ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ଅନ୍ୟପଟେ କୃଷ୍ଣପ୍ରସାଦ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ ସହ ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ପଡ଼ୋଶୀ ଜିଲାର ଅପରାଧୀମାନେ କିଭଳି ପ୍ରବେଶ ନ କରିପାରିବେ ସେନେଇ ପୋଲିସ ପକ୍ଷରୁ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ମତଦାତାମାନେ ଶାନ୍ତିଶୃଙ୍ଖଳାର ସହ କିପରି ମତଦାନ କରିବେ ସେନେଇ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଆଇଆଇସି ସାହୁ କହିଛନ୍ତି।

### ଲଳିତ ହେଲେ ଜିଲା ବିଜେଡି ମିଡିଆ ସଂଯୋଜକ

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)



ଖୋର୍ଦ୍ଧା ଜିଲା ବିଜେଡି ମିଡିଆ ସଂଯୋଜକ ଭାବେ ଖବରଦାତା ଲଳିତ ମୋହନ ମହାପାତ୍ରଙ୍କୁ ଦଳ ମନୋନୀତ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଶୁକ୍ରବାର ଏକ ପ୍ରେସ୍ ଇସ୍ତାହାରରେ ଏହା ଜଣାଇଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ମହାପାତ୍ର ମୁଖ୍ୟମନ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ, ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍, ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ସମେତ ଜିଲାର ସମସ୍ତ ନେତୃମଣ୍ଡଳୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳର ବିଭିନ୍ନ କାର୍ଯ୍ୟକ୍ରମକୁ ଗଣମାଧ୍ୟମ ଦ୍ୱାରା ପ୍ରଚାର ପ୍ରସାରକୁ ଗୁରୁତ୍ୱ ଦେବା ସହ ଜଣେ ଶୃଙ୍ଖଳିତ ସଭ୍ୟଭାବେ କାର୍ଯ୍ୟ କରିବେ ବୋଲି ମହାପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମହାପାତ୍ର ଏହା ପୂର୍ବରୁ ଜିଲା ବିଜେଡି ସାଧାରଣ ସମ୍ପାଦକ ଦାୟିତ୍ୱରେ ରହିଥିଲେ।

### ସିକୋରେ ରାମଲୀଳା ପୁରାଣ, ଯାତ୍ରା

ବେଗୁନିଆ,୧୭।୫(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ତିନିଟି ମୁଣ୍ଡା ଛକରେ ଥିବା ରାମଲୀଳା ସ୍ଥଳରେ ରାମନବମୀଠାରୁ ରାମଲୀଳା ପୁରାଣ ଏବଂ ଯାତ୍ରା ଚାଲିଛି। ହିମାଂଶୁ ଶେଖର ସାହୁ ରାମଲୀଳା ପୁରାଣ ଗାନ କରୁଥିବା ବେଳେ ନୀଳମଣି ସାମନ୍ତରାୟ, ଅପର୍ତ୍ତି ସ୍ୱାଇଁ, ପ୍ରଶାନ୍ତ ସାହୁ, ଜଗନ୍ନାଥ ମୁଦୁଲି, କାଶୀନାଥ ସ୍ୱାଇଁ ଏବଂ ଅନ୍ୟମାନେ ସହଯୋଗ କରିଥିଲେ। ରଣପୁର ବ୍ଲକ ତାରିଆ ଗ୍ରାମର ସଂକୀର୍ତ୍ତନ ଗାୟିକା ପ୍ରତିମା ମଲ୍ଲ, ବାୟକ ପୀତବାସ ପ୍ରଧାନ ଏବଂ ପାଳିଆ କାର୍ତ୍ତିକ ଜେନା ଓ ସାଥୀ ସଂକୀର୍ତ୍ତନ ପରିବେଷଣ କରିଥିଲେ। କଂଗ୍ରେସ ବିଧାୟକ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ।

# ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ଜଟଣୀ,୧୭।୫(ରବୀନ୍ଦ୍ରନାଥ ମହାକୁଡ଼)



ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

ଖୋର୍ଦ୍ଧା ଜିଲା ଜଟଣୀ ପାତ୍ରପଡ଼ାସ୍ଥିତ ଧନୁଯାତ୍ରା ପଡ଼ିଆ ପରିସରରେ ଗତ ୧୦ତାରିଖରୁ ଚାଲିଥିବା ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଅଷ୍ଟମ ଦିବସରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅକ୍ରୁର ସୁସଜ୍ଜିତ ରଥରେ ବସି ସହର ପରିକ୍ରମା କରିଥିଲେ। କୃଷ୍ଣଲୀଳାରେ ଅନ୍ୟାୟ, ଅନୀତି ଓ ଅଧର୍ମର ବିନାଶ କରି ସଂସାରରେ ଧର୍ମ ସଂସ୍ଥାପନ ନିମନ୍ତେ ପ୍ରବଳ ପ୍ରତାପୀ, ବିଧର୍ମୀ ଦୁରାଚାରୀ କଂସକୁ ଶ୍ରୀକୃଷ୍ଣ ବଧ କରିଥିଲେ। ଏହି ଅବସରରେ ଏକ ବିରାଟ କଂସ ପ୍ରତିକୃତିରେ ଅଗ୍ନି ସଂଯୋଗ କରି କଂସ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ରଙ୍ଗ ସଭା ଓ କଂସ ବଧ ନାଟକ କଳାକାରଙ୍କ ଦ୍ୱାରା ପରିବେଷଣ କରାଯଇଥିଲା। ମହୋତ୍ସବ କମିଟି ସଭାପତି ମନମୋହନ ରାଉତରାୟଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକା ପ୍ରତିଭା ମହାରଥୀ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶିଳ୍ପପତି ଟିକନ ଜେନା, କଣ୍ଠଶିଳ୍ପୀ କୁଳଦୀପ ପଟ୍ଟନାୟକ, ପୁରୀ ଜିଲା ଯୋଜନା ବୋର୍ଡ ସଦସ୍ୟ ମଳୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ କମିଟି ସଦସ୍ୟ ଓ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବ ପଡିଆ ନିକଟରେ ମୀନାବଜାର ସହିତ ବିଭିନ୍ନ ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।



ଜଟଣୀସ୍ଥିତ ଖୁଦୁପୁର ଖେଳପଡ଼ିଆରେ ଅନୁଷ୍ଠିତ ସମାବେଶ ଅବସରରେ ଶୁକ୍ରବାର ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ହାତ ମିଳାଉଛନ୍ତି।

# ଜିଲାରେ ମତଦାନ ଶପଥପାଠ

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତା ୨୫ ତାରିଖରେ ଲୋକ ସଭା ଏବଂ ବିଧାନସଭା ଆସନ ଲାଗି ଭୋଟ ଗ୍ରହଣ କରାଯିବ। ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲ ହୋଇ ନିଜ ମତାଧିକାର ସାବ୍ୟସ୍ତ ପାଇଁ ଖୋର୍ଦ୍ଧା ଜିଲାସ୍ତରରେ ଶପଥପାଠ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଚଞ୍ଚଳ ରାଣା କାର୍ଯ୍ୟରତ ସମସ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଜିଲାପାଳଙ୍କ ପରାମର୍ଶକ୍ରମେ ଜିଲାର ସମସ୍ତ କାର୍ଯ୍ୟାଳୟରେ ଶପଥପାଠ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀମାନେ ନିଜ ମତ ସାବ୍ୟସ୍ତ ପାଇଁ ଦେଶର ଏହି ମହାନ୍ ଗଣତାନ୍ତ୍ରିକ ପର୍ବରେ ସାମିଲ ହେବା ପାଇଁ ଶପଥପାଠ ସହ ସଙ୍କଳ୍ପ କରିଛନ୍ତି। ଭୁବନେଶ୍ୱର ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲାପାଳ(ଭୁବନେଶ୍ୱର) ଚିନ୍ମୟ ଆଚାର୍ଯ୍ୟ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।



ଶପଥପାଠ କାର୍ଯ୍ୟକ୍ରମ ଅବସରରେ ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟମାନେ।

## ରାଇଜିଂ ଟ୍ୟାଲେଣ୍ଟ୍ସ ବିଜୟୀ

ବୋଲଗଡ଼,୧୭।୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସାଗରଗୁଆଁ ପଞ୍ଚାୟତ ବେଣାଗାଡିଆ ଗ୍ରାମ ଭାଗବତ ଦେବ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ପଞ୍ଚାୟତ ପ୍ରିମିୟର ଲିଗ୍ (ପିପିଏଲ) ଟୁର୍ନାମେଣ୍ଟରେ ଶୁକ୍ରବାର ମାହି ଲଭରସ ଓ ରାଇଜିଂ ଟାଲେଣ୍ଟସ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଟସ୍ ଜିତି ରାଇଜିଂ ଟାଲେଣ୍ଟସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯ ଉଇକେଟ ବିନିମୟରେ ୧୨୦ରନ ସଂଗ୍ରହ କରିଥିଲା। ଜବାବରେ ମାହି ଲଭର୍ସ ଟିମ୍ ୯.୩ ଓଭରରେ ସମସ୍ତ ଉଇକେଟ ବିନିମୟରେ ୫୭ରନ ସଂଗ୍ରହ କରି ପରାଜିତ ହୋଇଥିଲା। ରାଇଜିଂ ଟାଲେଣ୍ଟସ ଟିମ୍ ବିଜୟୀ ହେବା ସହ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ବିଶ୍ୱଜିତ୍ ପଟ୍ଟନାୟକ ଓ କୁମର ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିଲେ। ସାମାଜିକ କର୍ମୀ ଶ୍ରୀକାନ୍ତ ରାଉତରାୟ ଅତିଥିଭାବେ ଯୋଗଦେଇ ମ୍ୟାଚ ଉଦ୍‌ଘାଟନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ ବେଣାଗାଡିଆ ଗ୍ରାମର ଏଭରଗ୍ରୀନ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ମ୍ୟାଚ୍ ଆରମ୍ଭ ପୂର୍ବରୁ ଅତିଥିମାନେ ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

## ଜଟଣୀ ପୌରପରିଷଦରେ ଭାଜପାର ପଦଯାତ୍ରା

ଜଟଣୀ,୧୭।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌର ପରିଷଦରେ ପ୍ରଚାରକୁ ଜୋର୍ କରିଛି ଭାଜପା। ପଦଯାତ୍ରା ମାଧ୍ୟମରେ ଭୋଟ ଭିକ୍ଷା କରିଛନ୍ତି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା। ଶୁକ୍ରବାର ଜଟଣୀ ପୌର ପରିଷଦର ୧୦ନଂ. ୱାର୍ଡରେ ଭାଜପା ପକ୍ଷରୁ ପଦଯାତ୍ରା କରାଯାଇଥିଲା। ପଦଯାତ୍ରାରେ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ଯୋଗଦେଇ ଘର ଘର ବୁଲି ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ବଡ଼ନୂଆଗାଁଠାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ବିକାଶନଗର ଦେଇ ରଘୁନାଥପୁରଠାରେ ଶେଷ ହୋଇଥିଲା। ପଦଯାତ୍ରାରେ ସତୀଶ ଶର୍ମା, ପ୍ରଶାନ୍ତ ବେହେରା, ରଙ୍କନିଧି ମୁଦୁଲି, ପରେଶ ପଟ୍ଟନାୟକ, କନକ ମଞ୍ଜରୀଙ୍କ ସମେତ ବହୁ ଦଳୀୟ କର୍ମୀ ଓ ସମର୍ଥକ ସାମିଲ ଥିଲେ।

# ଅପରାଜିତାଙ୍କ ଉପରେ ବର୍ଷିଲେ ସୋନାଲି

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)

ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଦୁର୍ନୀତିରେ ବୁଡ଼ିଛନ୍ତି। ସେ ଭାରତୀୟ ପ୍ରଶାସନିକ ସେବାରେ କାର୍ଯ୍ୟରତ ସମୟରେ ଅନେକ ଦୁର୍ନୀତିରେ ଲିପ୍ତଥିବା ପ୍ରମାଣ ହସ୍ତଗତ ହୋଇଛି। ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ତଥା ପାଇକ ବିଦ୍ରୋହ ସମ୍ପର୍କରେ କେବେ ସଂସଦରେ ଅପରାଜିତା ମୁହଁ ଖୋଲିନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି ଖୋର୍ଦ୍ଧା ବିଧାନସଭା କଂଗ୍ରେସ ପ୍ରାର୍ଥୀ ସୋନାଲି ସାହୁ। ଶୁକ୍ରବାର ମୁକୁନ୍ଦପ୍ରସାଦସ୍ଥିତ ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୋନାଲି ସିଧାସଳଖ ଅପରାଜିତାଙ୍କୁ ଟାର୍ଗେଟ କରିଛନ୍ତି। ସୋନାଲି ଆହୁରି କହିଛନ୍ତି, ଅପରାଜିତା ୨କୋଟି ଟଙ୍କା ନେଇ କାଳୁଚରଣ ଖଣ୍ଡାୟତରାୟଙ୍କ ଟିକେଟ କାଟିଥିବା ନେଇ କାଳୁ ଗଣମାଧ୍ୟମ ଆଗରେ କହିଛନ୍ତି। ଟିକେଟ ପାଇଁ ଟଙ୍କା ନେବା ନିନ୍ଦନୀୟ ଘଟଣା। ଲାଞ୍ଚ ନେଇ ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଅନ୍ୟ ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦେଇଛନ୍ତି। ଜାତୀୟ ରାଜପଥର ଏକାଧିକ ସ୍ଥାନରେ ନିର୍ମାଣ ହୋଇଥିବା ଅଣ୍ଡରପାସ୍ ଶିଳାନ୍ୟାସ କରିବାକୁ ଅପରାଜିତା କିଏ ବୋଲି ପ୍ରଶ୍ନ କରିଛନ୍ତି ସୋନାଲି। ସେ ସବୁବେଳେ କ୍ୟାମେରା ଆଗରେ ରହିବାକୁ ପସନ୍ଦ କରନ୍ତି। ସୋସିଆଲ ମିଡିଆରେ ଅଧିକ ସମୟ ଦିଅନ୍ତି। ନିର୍ବାଚନ ପରେ ଗାଁରେ କେବେ ତାଙ୍କ ଦେଖା ମିଳି ନ ଥାଏ। ୫ ବର୍ଷ ମଧ୍ୟରେ ସେ କୌଣସି କ୍ଷୁଦ୍ର, ମଧ୍ୟମ ଶିଳ୍ପାନୁଷ୍ଠାନ ଗଢ଼ିପାରିଲେ ନାହିଁ ବୋଲି ସୋନାଲି ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ଏନେଇ ଭୁବନେଶ୍ୱର ଲୋକ ସଭା ଭାଜପା ପ୍ରାର୍ଥୀ ଅପରାଜିତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପୋଷ୍ଟାଲ ବାଲଟରେ ଭୋଟଦେଲେ ଖବରଦାତା

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)



ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ୮୫ ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ନିଜ ଘରେ ରହି ଭୋଟ ଦେଉଛନ୍ତି। ଏଥିସହିତ ଅତ୍ୟାବଶ୍ୟକ ସେବା ପ୍ରଦାନରେ ନିୟୋଜିତ ବ୍ୟକ୍ତିବିଶେଷ ମଧ୍ୟ ପୋଷ୍ଟାଲ ବାଲଟରେ ମତାଧିକାର ସାବ୍ୟସ୍ତ କରୁଛନ୍ତି। ଚଳିତ ନିର୍ବାଚନରେ ଭାରତୀୟ ନିର୍ବାଚନ ଆୟୋଗ ଅତ୍ୟାବଶ୍ୟକ ସେବାରେ ନିୟୋଜିତ ବ୍ୟକ୍ତିବିଶେଷଙ୍କୁ ପୋଷ୍ଟାଲ ବାଲଟ ମତଦାନରେ ସାମିଲ କରିଛନ୍ତି। ଏହି କ୍ରମରେ ନିଜ ଜିଲାରେ କାର୍ଯ୍ୟରତ ଖବରଦାତାମାନେ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଏହି ମର୍ମରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ, ପୋଲିସ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ପୋଷ୍ଟାଲ ବାଲଟ ମାଧ୍ୟମରେ ମତାଧିକାର ସାବ୍ୟସ୍ତ କରିଛନ୍ତି।

## ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗର ପଇଁତରା

କୃଷ୍ଣପ୍ରସାଦ,୧୭।୫(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଏସିଆ ମହାଦେଶର ବୃହତ୍ତମ ଲୁଣା ହ୍ରଦ ଚିଲିକାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଥିବା ଇରାଓ୍ୱାଡି ପ୍ରଜାତିର ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନ ନୂଆପଡ଼ା ରେଞ୍ଜ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରତିଦିନ ସ୍କ୍ୱାଡ୍ ଟିମ୍ ଡଲ୍‌ଫିନ ରହୁଥିବା ଚିଲିକାର ସୀମାରେ ସୁରକ୍ଷା ଦେଉଛନ୍ତି। ପର୍ଯ୍ୟଟକଙ୍କୁ ଡଲ୍‌ଫିନ ଦେଖାଇବା ପାଇଁ ରହିଥିବା ଡଙ୍ଗା ଚାଳକମାନଙ୍କୁ ସଚେତନ କରାଯାଉଛି। ଡଙ୍ଗା ଚାଳକଙ୍କୁ ଡଲ୍‌ଫିନ୍‌ଙ୍କ ଠାରୁ କେତେଦୂରରେ ରହିବା, ଡଲ୍‌ଫିନ ବିଚଳିତ ହେବାଭଳି କିଛି କାର୍ଯ୍ୟ ନ କରିବା, ଚିଲିକାରେ ପଲିଥିନ ଏବଂ ପ୍ଲାଷ୍ଟିକ୍ ବୋତଲ ନ ପକାଇବା ପାଇଁ ପରାମର୍ଶ ଦିଆଯାଉଛି। ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ନୂଆପଡ଼ା ରେଞ୍ଜର କାଶୀନାଥ ହେମ୍ବ୍ରମ୍ ପ୍ରକାଶ କରିଛନ୍ତି। ବନ ବିଭାଗର ସ୍କ୍ୱାଡ୍ ଟିମ୍ ଜହ୍ନିକୁଦା ଘାଟ ଅଞ୍ଚଳ, ଗୁରୁବାଇ, ଖିରିସାହି ଆଦି ଚିଲିକାରେ ସଦଳବଳ ପଇଁତରା ମାରି ଡଲ୍‌ଫିନ ସୁରକ୍ଷା ଉପରେ ନଜର ରଖିଛନ୍ତି। ବନପାଳ ରଶ୍ମିରଞ୍ଜନ ନାୟକ, ବନପାଳ ବିଶ୍ୱନାଥ ଟୁଡ୍ଡୁ, ବନରକ୍ଷୀ ଲକ୍ଷ୍ମଣ ବେହେରା, ସୁରକ୍ଷା କର୍ମୀ ମିଥୁନ ମାଝି, ଦିଲୀପ ତରେଇ, ପ୍ରଦୀପ ପ୍ରଧାନ ପ୍ରମୁଖ ଡଲ୍‌ଫିନ୍‌ମାନଙ୍କ ସୁରକ୍ଷା ଦିଗରେ ନଜର ରଖିଥିବା ଜଣାପଡ଼ିଛି।

## ୩ ଶିକ୍ଷକଙ୍କୁ ନେଶନ ବିଲ୍ଡର ଆୱାର୍ଡ

ଖୋର୍ଦ୍ଧା,୧୭।୫(ପ୍ରଭାତ ପାରିଗ୍ରାହୀ)

ରୋଟାରି ଜିଲା (୩୨୬୨)ର ଗଭର୍ନର ଜୟଶ୍ରୀ ମହାନ୍ତିଙ୍କ ଖୋର୍ଦ୍ଧା ରୋଟାରି କ୍ଲବ ପରିଦର୍ଶନ ଅବସରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଅତିଥିଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ଯୋଗଦେଇଥିଲେ। ସଭାପତି ପ୍ରହଲ୍ଲାଦ ପ୍ରଧାନ, ସମ୍ପାଦକ ପ୍ରଫେସର ସୁକାନ୍ତ ନାୟକ, କାର୍ଯ୍ୟକାରୀ ସଭ୍ୟ ପୂର୍ବତନ ଏସ୍‌ପି ଦେବ ପ୍ରସାଦ ମଜୁମ୍‌ଦାର, ରୋଟାରିଆନ ସୌମ୍ୟରଞ୍ଜନ ମହାନ୍ତି, ରୋଟାରିଆନ ମନୋଜ କୁମାର ପ୍ରଧାନ, ରୋଟାରିଆନ ତାପସ ବୋଷ, ଅଜୟ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବର ବିଭିନ୍ନ କାର୍ଯ୍ୟାବଳୀ, ସ୍ୱାସ୍ଥ୍ୟ ଓ ସାମାଜିକ ସେବା ଉପରେ ଆଲୋଚନା କରାଯାଇଥିଲା। ସଭ୍ୟସଂଖ୍ୟା ବୃଦ୍ଧି ପାଇଁ ପରାମର୍ଶ ଦେଇଥିଲେ। ଆଲୋଚନା ସମୟରେ ରୋଟାରିଆନ ପ୍ରଫେସର ନରସିଂହ ପ୍ରସାଦ ପଟ୍ଟନାୟକ, ଅଜୟ ଅଗ୍ରୱାଲ, ପିଣ୍ଟୁ ଚକ୍ରବର୍ତ୍ତୀ, ରାମଶଙ୍କର, ଡା. ଅମିୟ ଜେନାମଣି ପ୍ରମୁଖ ରୋଟାରିଆନମାନେ ଉପସ୍ଥିତ ଥିଲେ। ଏହି ଅବସରରେ ରୋଟାରି କ୍ଲବ ପକ୍ଷରୁ ତିନିଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ 'ନେଶନ ବିଲ୍ଡର ଆୱାର୍ଡ' ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ବିଜେବି ହାଇସ୍କୁଲର ବିଜ୍ଞାନ ଶିକ୍ଷକ ନବକ୍ରିଷ୍ଣ ମିଶ୍ର, ଖୋର୍ଦ୍ଧା ମ୍ୟୁନିସିପାଲିଟି ସଂଲଗ୍ନ ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ଅର୍ଚ୍ଚନା କୁମାରୀ ରାଉତରାୟ ଓ ମୁକୁନ୍ଦପ୍ରସାଦ ଉ.ପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ରଶ୍ମି ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଭାବେ ଇନରହୁଇଲ କ୍ଲବର ପ୍ରଫେସର ନିରୁପମା ମିଶ୍ରଙ୍କ ସମେତ ସଭ୍ୟମାନେ ଏବଂ ରୋଟାରାକ୍ଟରମାନେ ଯୋଗଦେଇଥିଲେ। ଦେବ ପ୍ରସାଦ ମଜୁମଦାର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ସୁକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ଝାଁଳାରେ ସନ୍ତୋଷ ଜେନାଙ୍କ ପ୍ରଚାର

ଜଟଣୀ/ଝାଁଳା,୧୭।୫
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)



ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାଁଳା ପଞ୍ଚାୟତରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡମୁହାଣ, ଗୋପାଳପୁର, ଓଗାଳପଡ଼ା, ରାଧାଚରଣପୁର, ଝାଁଳା ଆଦି ଗ୍ରାମରେ ବାଇକ୍ ରାଲି ପରିକ୍ରମା କରିଥିଲା। ଏହି ଅବସରରେ ବିଧାୟକ ପ୍ରାର୍ଥୀ ସନ୍ତୋଷ କହିଥିଲେ, ଚାଷଜମିକୁ ଜଳସେଚନ ସୁବିଧା, ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି, ଅଞ୍ଚଳରେ ଗଢ଼ିଉଠିଥିବା ବିଭିନ୍ନ ଘରୋଇ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ଆଦିବାସୀ ମହିଳା ମାନଙ୍କୁ ସମ୍ମାନ ଆଦିର ସୁବିଧା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀଙ୍କ ସହ ସମର୍ଥକମାନେ ସାମିଲ ହୋଇଥିଲେ।

# ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର

ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ)

**ଖୋର୍ଦ୍ଧା ବିଧାନସଭା ଆସନ**

ଆଉ ଦିନ କେଇଟା ପରେ ସାଧାରଣ ନିର୍ବାଚନ। ଖୋର୍ଦ୍ଧା ବିଧାନସଭା ଆସନରେ ବିଜେଡିରୁ ରାଜେନ୍ଦ୍ର ସାହୁ, ଭାଜପାରୁ ପ୍ରଶାନ୍ତ ଜଗଦ୍ଦେବ, କଂଗ୍ରେସରୁ ସୋନାଲି ସାହୁ, ସ୍ୱାଧୀନ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟଙ୍କ ସମେତ ୧୦ପ୍ରାର୍ଥୀ ରହିଛନ୍ତି। ଖୋର୍ଦ୍ଧା ଆସନକୁ ହାତେଇବାକୁ ୩ ପ୍ରମୁଖ ଦଳ ମଧ୍ୟରେ ଛକାପଞ୍ଝା ଲାଗି ରହିଥିବା ବେଳେ ରାଜେନ୍ଦ୍ର ଏବଂ ଜଗଦ୍ଦେବଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡିର ମାଗଣା ବିଦ୍ୟୁତ୍ ଓ ଭାଜପାର ମୋଦି ଗ୍ୟାରେଣ୍ଟିକୁ ନେଇ ଦ୍ୱନ୍ଦ୍ୱରେ ପଡିଛନ୍ତି ଭୋଟର।

ଖୋର୍ଦ୍ଧା ଆସନ ଦୀର୍ଘ ବର୍ଷ ଧରି ବିଜେଡି ହାତରେ ରହିଛି। ରାଜେନ୍ଦ୍ର ୨୦୦୮ରେ ସ୍ୱାଧୀନ, ୨୦୧୪ରେ ବିଜେଡିରୁ ୨ଥର ବିଧାୟକ ହୋଇଥିବା ବେଳେ ୨୦୧୯ରେ ବେଗୁନିଆ ବିଧାୟକ ଅଛନ୍ତି। ୨୦୧୯ରେ ଖୋର୍ଦ୍ଧାରେ ଦଳରୁ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ବିଧାୟକ ଅଛନ୍ତି। ତେବେ ଚଳିତ ନିର୍ବାଚନରେ ମିତ୍ରଙ୍କ ପରିବର୍ତ୍ତେ ଦଳ ରାଜେନ୍ଦ୍ରଙ୍କ ଉପରେ ଆସ୍ଥା ପ୍ରକଟ କରିଛି। ଚଳିତ ନିର୍ବାଚନରେ ମିତ୍ରଙ୍କୁ କୌଣସି ସଭା, କର୍ମୀ ସମ୍ମିଳନୀରେ ଦେଖିବାକୁ ମିଳୁନାହିଁ। ସେ ଏକପ୍ରକାର ନିର୍ବାଚନରୁ ଦୂରେଇ ରହିଛନ୍ତି। ସେହିପରି ବାସନ୍ତୀ ମହାପାତ୍ର ଭାଜପାରେ ଯୋଗଦେଇଛନ୍ତି। ଅନ୍ୟପଟେ ଭାଜପା କାଳୁଚରଣ ଖଣ୍ଡାୟତରାୟଙ୍କ ପରିବର୍ତ୍ତେ ଚିଲିକା ବିଧାୟକ ତଥା ଭାଜପାରେ ଯୋଗଦେଇଥିବା ପ୍ରଶାନ୍ତ ଜଗଦ୍ଦେବଙ୍କୁ ପ୍ରାର୍ଥୀ କରିଛି। ଏନେଇ ଅସନ୍ତୋଷ ପ୍ରକାଶ କରି କାଳୁ ଦଳରୁ ଇସ୍ତଫା ଦେବା ସହ ସ୍ୱାଧୀନ ଭାବେ ଲଢୁଛନ୍ତି। ତେବେ କାଳୁଙ୍କ ପ୍ରତି ଲୋକଙ୍କ ଭଲ ପାଇବା ରହିଛି। ସେପଟେ ବିଧାୟକ ମିତ୍ରଙ୍କ ଏକାଧିକ ସମର୍ଥକ, ପୁରୁଣା କର୍ମୀ ଭାଜପାରେ ଯୋଗଦେଇଛନ୍ତି। ବିଭିନ୍ନ ଦଳର ପ୍ରାର୍ଥୀମାନେ ଜୋରଦାର ପ୍ରଚାର ଚଳାଇଛନ୍ତି। ଘରଘର ବୁଲି ବିଭିନ୍ନ ପ୍ରତିଶ୍ରୁତି ଦେଇ ଲୋକଙ୍କ ବିଶ୍ୱାସଭାଜନ ହେବା ଲାଗି ଚେଷ୍ଟା କରୁଛନ୍ତି। ପ୍ରଚାର ମଇଦାନରେ ଆରୋପ ପ୍ରତ୍ୟାରୋପ ଦେଖିବାକୁ ମିଳୁଛି। ତେବେ ଖୋର୍ଦ୍ଧା ଆସନ କାହା ହାତକୁ ଯିବ, ତାହାକୁ ନେଇ ସବୁଠି ଚର୍ଚ୍ଚା ଯୋର ଧରିଛି।




୧୭।୦୫।୨୦୨୪

| ୪,୦୭, ୧୬୪ ଟଙ୍କା | |
|---|---|
| ସୁନା | ୫୦୦ ମିଲି ଗ୍ରାମ୍ |
| ରୁପା | ୧୭.୧୦୦ ଗ୍ରାମ୍ |

## ରାସ୍ତାପାର୍ଶ୍ୱ କଲଭର୍ଟକୁ ଧକ୍କାଦେଲା ଟ୍ରକ୍ : ଡ୍ରାଇଭର ଗୁରୁତର

ବାଲୁଗାଁ,୧୭।୫(ସଂଗ୍ରାମ ପାଇକରାୟ)

୧୬ ନମ୍ବର ଜାତୀୟ ରାଜପଥର ନାଭାଲ ଫାଣ୍ଡି ନିକଟରେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ସେ ହେଲେ କଟକ ଜିଲା ନିଆଳି ଥାନା ମାହାଙ୍ଗାପଡ଼ା ଗ୍ରାମର ସମ୍ବିତ୍ କୁମାର ମଲ୍ଲିକ। ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ଓସିଏଫ୍ ୭୯୫୯ ନମ୍ବରବିଶିଷ୍ଟ ଟ୍ରକ୍ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଭୋର୍ ପ୍ରାୟ ୬ଟାରେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ କଲଭର୍ଟକୁ ଧକ୍କାଦେବା ଫଳରେ ଗାଡ଼ିର ସମ୍ମୁଖଭାଗ ଭାଙ୍ଗି ଚୂର୍ମାର୍ ହୋଇଯାଇଥିଲା। ଫଳରେ ଚାଳକ ସମ୍ବିତ୍ ଗାଡ଼ିରେ ଚାପିହୋଇ ରହିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାଲୁଗାଁ ମେଡିକାଲ ପଠାଇଥିଲେ। ତାଙ୍କର ବାମଗୋଡ଼ ଭାଙ୍ଗିଯାଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ନାଭାଲ ଫାଣ୍ଡି ପୋଲିସ ଏକ ମାମଲା (ନଂ.୧୮୦/୨୪) ରୁଜୁକରି ଗାଡ଼ିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ୨୭ରୁ ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍

ଭୁବନେଶ୍ୱର, ୧୭।୫
(ଅସମାପିକା ସାହୁ)

ରାଜ୍ୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଆସନ୍ତା ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍ ଅନୁଷ୍ଠିତ ହେବ। ଏହି ଅଲିମ୍ପିଆଡରେ ପାଖାପାଖି ୪୦୦ ଛାତ୍ରୀଛାତ୍ରଙ୍କ ସମେତ ଶିକ୍ଷୟିତ୍ରୀ/ଶିକ୍ଷକ ମଧ୍ୟ ଅଂଶଗ୍ରହଣ କରିବେ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ବହନ କରିବ। ବିଦ୍ୟାଳୟ, ବ୍ଲକ ଏବଂ ଜିଲାସ୍ତରରେ ଯୋଗ ଅଲିମ୍ପିଆଡ୍ ପ୍ରତିଯୋଗିତା କରାଯିବ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଆସନ୍ତା ୨୨ ସୁଦ୍ଧା ସମସ୍ତ ଛାତ୍ରୀଛାତ୍ରଙ୍କ ଚୟନ ଶେଷ କରିବାକୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟସ୍ତରୀୟ ଯୋଗ ଅଲିମ୍ପିଆଡ୍ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ଆୟୋଜନ ହେବ। ପ୍ରତିଯୋଗିତାରେ ମନୋନୀତ ଛାତ୍ରୀଛାତ୍ର ଜୁନ ୧୮ରୁ ୨୦ ପର୍ଯ୍ୟନ୍ତ ଦିଲ୍ଲୀରେ ହେବାକୁ ଥିବା ଜାତୀୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

**ୱଣ୍ଡର୍ଲା ଆମ୍ୟୁଜ୍‌ମେଣ୍ଟ ପାର୍କ**

# ଗୋଟିଏ ସ୍ଥାନରେ ଭରପୂର ମନୋରଞ୍ଜନ

ଭୁବନେଶ୍ୱର,୧୭।୫
(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ପାର୍କ ଚେନ୍ କୁହାଯାଉଥିବା ୱଣ୍ଡର୍ଲା ହଲିଡେଜ୍ ପକ୍ଷରୁ ଓଡ଼ିଶାରେ ୱଣ୍ଡର୍ଲା ଆମ୍ୟୁଜ୍‌ମେଣ୍ଟ ପାର୍କ ନିର୍ମାଣ ହୋଇଛି। ଭୁବନେଶ୍ୱରଠାରୁ ୨୨.୫ କି.ମି. ଦୂର କୁମ୍ଭାରବସ୍ତରେ ଏହି ପାର୍କ ଆସନ୍ତା ୨୪ରେ ଖୋଲାଯିବ। କୋଚି, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ପରେ ଚତୁର୍ଥ ପାର୍କ ଭାବେ ୱଣ୍ଡର୍ଲାର ପାର୍କ ପ୍ରସ୍ତୁତ ହୋଇଛି। ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍କ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି। ପରିଚାଳନା ନିର୍ଦ୍ଦେଶକ ଅରୁଣ କେ ଚିଟ୍ଟିଲାପିଲିଙ୍କ ସୂଚନାନୁସାରେ, ୨୦୦୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୯୦ବର୍ଷ ଅବଧିର ଲିଜ୍ ମିଳିବା ପରେ ୱାଣ୍ଡର୍ଲା ଓଡ଼ିଶା ପକ୍ଷରୁ ପ୍ରାୟ ୧୯୦ କୋଟି ଟଙ୍କା ନିବେଶରେ ଏହି ପାର୍କ ନିର୍ମାଣ କରାଯାଇଛି। ୱଣ୍ଡର୍ଲା ଭୁବନେଶ୍ୱର ୨୧ରୁ ଅଧିକ ପ୍ରମୋଦଦାୟକ ଡ୍ରାଏ ଆଣ୍ଡ ୱେଟ ରାଇଡ୍ ଉପଲବ୍ଧ ହେବ। ହାଇ ସ୍ପିଡ୍ କୋଷ୍ଟରଠାରୁ ଆରମ୍ଭକରି ବିଭିନ୍ନ ପ୍ରକାର ଆମୋଦ ପ୍ରଦାନ କରିବ। ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାକୃତିକ ବୈଭବ ପ୍ରତି ସମ୍ମାନ ଜଣାଇବାକୁ ଡିଜାଇନ କରାଯାଇଥିବା ୱଣ୍ଡର୍ଲା ଭୁବନେଶ୍ୱର ୫୦ ଏକର ପରିମିତ ଅଞ୍ଚଳରେ ପ୍ରସ୍ତୁତ କରାଯାଇଛି।






ଖବରଦାତା ସମ୍ମିଳନୀରେ ପରିଚାଳନା ନିର୍ଦ୍ଦେଶକ ଅରୁଣ କେ ଚିଟ୍ଟିଲାପିଲିଙ୍କ ସହ ଅନ୍ୟମାନେ।

**୨୪ରେ ଖୋଲିବ**

- ୨୧ରୁ ଅଧିକ ଡ୍ରାଏ ଆଣ୍ଡ ୱେଟ୍ ରାଇଡ ସୁଯୋଗ
- ମୋ ବସ୍ ଯାତ୍ରୀଙ୍କୁ ରିହାତି
- ସ୍ଥାନୀୟ ଅର୍ଥନୀତି ଅଭିବୃଦ୍ଧିରେ ସହାୟକ
- ପାର୍କରେ ଓଡ଼ିଶାର କଳା -ଐତିହ୍ୟର ଛାପ

ସ୍ଥାନୀୟ ଅଞ୍ଚଳରେ ଅର୍ଥନୈତିକ ଅଭିବୃଦ୍ଧିକୁ ଆଗେଇନେବା ପାଇଁ ପ୍ରାୟ ୪୫୦ ଜଣଙ୍କୁ ନିଯୁକ୍ତି, ବିଶେଷକରି ଅଣକୁଶଳୀ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଯୋଗାଇବା ସହିତ ଏହି ପାର୍କ ଭୁବନେଶ୍ୱର ଏବଂ ଆଖପାଖର ଲୋକଙ୍କ ଜୀବିକା ଯୋଗାଇଦେବ ବୋଲି ପ୍ରେସିଡେଣ୍ଟ ଶିବଦାଦ କହିଛନ୍ତି। ଟିକେଟର ଦାମ ୯୯୯ ଟଙ୍କା ରହିଥିବାବେଳେ ଏବଂ ୱିକ୍‌ଏଣ୍ଡଗୁଡିକରେ ୧୧୦୦ ଟଙ୍କାରେ ଉପଲବ୍ଧ ହେବ। ତେବେ ବର୍ତ୍ତମାନ ପାଇଁ ଛାତ୍ରୀଛାତ୍ର, ମୋ ବସ୍ ଓ ଟ୍ରେନ୍ ଯାତ୍ରୀଙ୍କ ପାଇଁ ରିହାତି ଉପଲବ୍ଧ ରହିଛି। ତେବେ ଭୋଟ ଦେଇଥିବା ଦାୟିତ୍ୱବାନ ନାଗରିକଙ୍କୁ ଟିକେଟ ପ୍ରତି ୧୫ ପ୍ରତିଶତ ରିହାତି ପ୍ରଦାନ କରାଯିବ। ଏହି ଅଫର ମେ୨୫ରୁ ଜୁନ୍ ୩ ପର୍ଯ୍ୟନ୍ତ ଉପଲବ୍ଧ ହେବ। ପରିଦର୍ଶକମାନେ ସେମାନଙ୍କର ପ୍ରବେଶ ଟିକେଟ ଅଗ୍ରିମ ଆକାରରେ ୱେବ୍‌ସାଇଟ୍ ପରିଦର୍ଶନକରି କିମ୍ବା ୦୬୭୪ ୬୬୪୦୩୦୦କୁ କଲ୍‌କରି ବୁକ୍ କରିପାରିବେ ବୋଲି ସିଓଓ ଧୀରନ ଚୌଧାରୀ, ଅଜିକ୍ରିଷ୍ଣନ୍ ଏଜି ଏବଂ ପାର୍କ ହେଡ୍ କଳ୍ପତରୁ ନାୟକ ପ୍ରମୁଖ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏଠାରେ ଥିବା ରିସୋର୍ଟ ପରିଦର୍ଶନକାରୀ ଯେକୌଣସି ଖାଦ୍ୟର ମଜା ଉଠାଇପାରିବେ। ସ୍ଥାନୀୟ ଖାଦ୍ୟଠାରୁ ଆରମ୍ଭକରି ଚାଇନିଜ୍ ଓ ଅନ୍ୟାନ୍ୟ ଉନ୍ନତମାନର ଖାଦ୍ୟ କମ୍ ଦରରେ ଉପଲବ୍ଧ ହେବ। ଏପରିକି ସ୍ଥାନେ ସ୍ଥାନେ କିଓସ୍କରେ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ସ୍ନାକ୍ସ ଓ ମୃଦୁ୍ୟପାନୀୟ ଉପଲବ୍ଧ ହେବ।



ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଥିବା ନୃତ୍ୟୋତ୍ସବ 'ନୃତ୍ୟମ୍ବଦା'ରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶୀ, ସମ୍ବଲପୁରୀ, ପଲ୍ଲୀନୃତ୍ୟ ମନ ମୋହିଲା

ଭୁବନେଶ୍ୱର,୧୭।୫
(ଶର୍ମିଷ୍ଠା ପାଣିଗ୍ରାହୀ)

**'ନୃତ୍ୟମ୍ବଦା' ଉଦ୍‌ଘାଟିତ**

ଓଡ଼ିଶା ଡ୍ୟାନ୍ସ ଏକାଡେମୀର ୩୭ତମ ବାର୍ଷିକ ନୃତ୍ୟୋତ୍ସବ 'ନୃତ୍ୟମ୍ବଦା' ଶୁକ୍ରବାର ରବୀନ୍ଦ୍ର ମଣ୍ଡପଠାରେ ଆରମ୍ଭ ହୋଇଛି। ଏକାଡେମୀ ସଚିବ ଗୁରୁ ଡ. ଅରୁଣା ମହାନ୍ତି, ବିଶିଷ୍ଟ ଓଡିଶୀ ନୃତ୍ୟାଙ୍ଗନା ଚପଳା ମିଶ୍ର, ପୂର୍ବତନ ପୋଲିସ ଅଧିକାରୀ ବଟକୃଷ୍ଣ ତ୍ରିପାଠୀ, ମର୍ଦ୍ଦଳ ବାଦକ ଗୁରୁ ବିଜୟ କୁମାର ବାରିକ, ଗାୟିକା ହରପ୍ରିୟା ସ୍ୱାଇଁ, ବଂଶୀ ବାଦକ ଶ୍ରୀନିବାସ ଶତପଥୀ, ବେହେଲା ବାଦକ ଅଗ୍ନିମିତ୍ର ବେହେରା ଓ ସୀତାର ବାଦକ ସତ୍ୟବାନ ସେଠୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡିଶୀ, ସମ୍ବଲପୁରୀ ଓ ପଲ୍ଲୀ ନୃତ୍ୟ ସହ ଓଡିଶୀ ନୃତ୍ୟନାଟିକାରେ ପ୍ରଥମ ସନ୍ଧ୍ୟା ବେଶ୍ ଚିତ୍ତାକର୍ଷକ ହୋଇଥିଲା। ପ୍ରଥମ ପ୍ରସ୍ତୁତିରେ ଅନୁଷ୍ଠାନର କଳାକାରମାନେ ମଙ୍ଗଳାଚରଣରେ ଜଗନ୍ନାଥ ସହସ୍ର ନାମ ପରିବେଷଣ କରି ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ପରେ ପରିବେଷିତ ହୋଇଥିଲା କୋଣାର୍କ କାନ୍ତି, ଯାହା ଓଡ଼ିଶାର ପ୍ରାଚୀନ ମନ୍ଦିର ବିଶେଷ କରି କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ ନର୍ତ୍ତକୀଙ୍କ ଭଙ୍ଗୀ ଏବଂ ତାଳରେ ବିବିଧତା ଉପରେ ପର୍ଯ୍ୟବସିତ ହୋଇଥିଲା। ଏକାଡେମୀର କୁନି କୁନି ପିଲାଙ୍କ ଦ୍ୱାରା ପଲ୍ଲୀନୃତ୍ୟ ମନମୋହିଥିଲା। ଏହାପରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ଏକାଡେମୀର ନୃତ୍ୟଶିଳ୍ପୀମାନେ। ଅନ୍ତିମ ପ୍ରସ୍ତୁତିରେ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ କାବ୍ୟର ଏକ ଅଷ୍ଟପଦୀ, ଯେଉଁଥିରେ ଭଗବାନ ବିଷ୍ଣୁଙ୍କ ରଚିତ ବିଭିନ୍ନ ଲୀଳାକୁ ମନେ ପକାଇ ତାଙ୍କର ସ୍ତୁତି ଗାନ ପୂର୍ବକ ନୃତ୍ୟାଭିନୟ 'ଶ୍ରୀତକମଳା' କରିଥିଲେ ଶିଳ୍ପୀମାନେ।

## ଦୀପରୁ ନିଆଁ ଲାଗି ମହିଳା ଗୁରୁତର

ଯାଁଳା,୧୭।୫(ବୁଲା ବାରିକ)

ଶୁକ୍ରବାର ସନ୍ଧ୍ୟାରେ ଦୀପରୁ ନିଆଁ ଲାଗି ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଇନ୍‌ଫୋସିଭ୍ୟାଲି ଥାନା ଯାଁଳା ପଞ୍ଚାୟତ ମୁଣ୍ଡମୁହାଣ ଗ୍ରାମେଶ୍ୱର ନଗରରେ ରହୁଥିବା ଖୋର୍ଦ୍ଧା ଜଗିପୁଟର ସୌଦାମିନୀ ହରିଚନ୍ଦନ। ତାଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସନ୍ଧ୍ୟାରେ ସୌଦାମିନୀ ଘରେ ସଞ୍ଜ ଦେଉଥିଲେ। ଅସାବଧାନତାରୁ ତାଙ୍କ ଶାଢ଼ିରେ ନିଆଁ ଲାଗିଯାଇଥିଲା। ପରେ ସୌଦାମିନୀଙ୍କ ଚିତ୍କାର ଶୁଣି ପରିବାର ଲୋକେ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ତାଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି କରାଯାଇଛି।

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ବିକାଶ



@ ବିଶ୍ୱନାଥ



@ ଅନାମ



@ ସରକୁ କୁମାରୀ



@ ସ୍ୱାଗତମ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ପିଲାଦିନ ସଉକରୁ ସଂଗ୍ରହାଳୟ ପ୍ରତିଷ୍ଠା

ଅସ୍ତରଙ୍ଗ,୧୭।୫

**ଆଜି ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ**

ବ୍ୟସ୍ତବହୁଳ ଜୀବନରେ ଫୁର୍‌ସତ୍ ପାଇଲେ ଲୋକେ ଚିତ୍ତ ବିନୋଦନରେ ମଜ୍ଜି ରହନ୍ତି। କିଏ ପରିବାର ଓ ସାଙ୍ଗସାଥି ସହ କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତି ତ ଆଉ କେହି ପିକ୍‌ନିକ୍‌ରେ ସମୟ ବିତାଇଥାନ୍ତି। ତେବେ ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଆଳଙ୍ଗପୁର ପଞ୍ଚାୟତ ବେଗୁନିଆବସ୍ତ ଗ୍ରାମର ମାୟାଧର ସ୍ୱାଇଁ ଏକ୍ଷେତ୍ରରେ ନିଆରା। ସେ ଅବସର ସମୟରେ ବିଭିନ୍ନ ସ୍ଥାନ ବୁଲି ପୁରୁଣା ଜିନିଷ ସଂଗ୍ରହ କରିବାରେ ଲାଗିପଡ଼ନ୍ତି। ଏଭଳି ଅନେକ ପୁରୁଣା ସାମଗ୍ରୀ ସଂଗ୍ରହ କରି ସେସବୁକୁ ନିଜ ସଂଗ୍ରହାଳୟରେ ଯତ୍ନର ସହ ସାଇତି ରଖିଛନ୍ତି। ନିଜ ଘରେ ସେ ଏକ ସଂଗ୍ରହାଳୟ ଖୋଲିଛନ୍ତି। ଏହାର ନାମ ହେଉଛି 'ମୋ ସଂଗ୍ରହାଳୟ'। ଏଥିରେ ବିଭିନ୍ନ ଦେଶର ଡାକଟିକେଟଠାରୁ ଆରମ୍ଭ କରି ବିଦେଶୀ ମୁଦ୍ରା, ପୁରୁଣା ପୋଥି ଆଦି ରହିଛି। ମାୟାଧରଙ୍କ ସଂଗ୍ରହାଳୟକୁ ରବିବାର ସମେତ ଛୁଟିଦିନରେ ଆଖପାଖ ଅଞ୍ଚଳର ଛାତ୍ରୀଛାତ୍ର ବୁଲିଆସିଥାନ୍ତି। ସେମାନେ ପୁରୁଣା ସାମଗ୍ରୀଗୁଡ଼ିକୁ ଦେଖି ଖୁସି ହେବା ସହ ଅନେକ କଥା ଜାଣିବାକୁ ପାଇଥାନ୍ତି। ସେହିପରି ଶିକ୍ଷାବିତ୍ ଓ ଗବେଷକମାନେ ମଧ୍ୟ ଏହି ସଂଗ୍ରହାଳୟକୁ ଆସିଥାନ୍ତି। ପିଲାଦିନରୁ ପୁରୁଣା ଜିନିଷ ସଂଗ୍ରହ କରିବା ତାଙ୍କର ନିଶା। ସେ ସ୍ୱାଧୀନତା ପୂର୍ବ ଓ ପରବର୍ତ୍ତୀ ସମୟର ୪ ଶହରୁ ଊର୍ଦ୍ଧ୍ୱ ଦେଶୀ ବିଦେଶୀ ମୁଦ୍ରା, ଆଦିବାସୀଙ୍କ ଅଳଙ୍କାର, ପାରମ୍ପରିକ କାଠ ସାମଗ୍ରୀ, ୧୫ଶହରୁ ଊର୍ଦ୍ଧ୍ୱ ପୁସ୍ତକ, ଶତାଧିକ ଡାକଟିକେଟ, ଟେଲିଫୋନ୍, ମୋବାଇଲ ଷ୍ଟାଣ୍ଡ, ପିତ୍ତଳ ଷ୍ଟୋଭ ଆଦି ସାଇତି ରଖିଛନ୍ତି। ବିଭିନ୍ନ ରାଜ୍ୟର ପୁରୁଣା ଦିଆସିଲି ଖୋଳ ଏଠାରେ ରହିଛି, ଯେଉଁଥିରେ ସିନେ ତାରକାମାନଙ୍କ ଛବି ଦେଖିବାକୁ ମିଳେ। ଏହି ସଂଗ୍ରହାଳୟକୁ ବଡ଼ଧରଣର କରିବା ପାଇଁ ତାଙ୍କର ସ୍ୱପ୍ନ ଓ ଯୋଜନା ରହିଛି। ସରକାରୀ ସହାୟତା ମିଳିଲେ ସେ ଏ କ୍ଷେତ୍ରରେ ଆଗେଇପାରନ୍ତେ ବୋଲି ମାୟାଧର ଆଶା ପ୍ରକାଶ କରିଛନ୍ତି।



ମାୟାଧର ସ୍ୱାଇଁ ପିଲାମାନଙ୍କୁ ସଂଗ୍ରହାଳୟ ଦେଖାଉଛନ୍ତି।

# ଏସ୍‌ସିବିରେ ଆଖିବୁଜିଲେ ଆଉ ଜଣେ, ହାଇୱା ଚାଳକ ଗିରଫ

ଭୁବନେଶ୍ୱର,୧୭।୫(ସତ୍ୟଜିତ୍ ରାଉତ)

**ଆଚାର୍ଯ୍ୟବିହାର ଓଭରବ୍ରିଜ୍ ଉପରେ ଦୁର୍ଘଟଣା ଘଟଣା**

ଭୁବନେଶ୍ୱର ଆଚାର୍ଯ୍ୟ ବିହାର ଓଭରବ୍ରିଜ୍ ଉପରେ ଗୁରୁବାର ରାତିରେ ଏକ ସ୍କୁଟିକୁ ହାଇୱା ଧକ୍କା ଦେବା ଘଟଣାରେ ଆଉଜଣେ ଯୁବକଙ୍କର କଟକ ଏସ୍‌ସିବିରେ ମୃତ୍ୟୁ ଘଟିଛି। ସେ ହେଲେ ବରଗଡ଼ ଜିଲା ବରପାଲି ଥାନା ଅଞ୍ଚଳର ରୋହିତ ମେହେର। ଏହି ଘଟଣାରେ ଶହୀଦନଗର ଥାନା ପୋଲିସ ଅଟକ ଥିବା ହାଇୱା (ଓଡି୩୩ଏସ୍୨୨୩୪) ଚାଳକ ଶିଶିର କୁମାର ସ୍ୱାଇଁଙ୍କୁ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ଶିଶିର ତାପଙ୍ଗସ୍ଥିତ ଏକ କ୍ରଶର୍ ମିଲ୍‌ରେ କାମ କରନ୍ତି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ। ତେବେ ଦୁର୍ଘଟଣାସ୍ଥଳରେ ରୋହିତଙ୍କ ସାଙ୍ଗ ବିଜେପୁର ଥାନା ଅଞ୍ଚଳର ସମୟ ନାୟକଙ୍କ ମୃତ୍ୟୁ ହୋଇଥିଲା। ଉଭୟ ଏକ ସ୍କୁଟି ଯୋଗେ ରସୁଲଗଡ଼ ଆଡ଼କୁ ଯାଉଥିବା ବେଳେ ହାଇୱା ଧକ୍କା ଦେଇଥିଲା। ସେହିପରି ସେହି ସମୟରେ ଆଉ ଏକ ବାଇକକୁ ମଧ୍ୟ ହାଇୱା ସମାନ ଭାବେ ଧକ୍କା ଦେଇଥିଲା। ଉକ୍ତ ବାଇକରେ ଥିବା ଦାଦା, ପୁତୁରା ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏହି ଘଟଣାରେ ମୃତ ସମୟଙ୍କ ଭିଣୋଇ ମନୋଜ କୁମାର ସାହୁଙ୍କ ଏତଲାକ୍ରମେ ଶହୀଦନଗର ଥାନା ପକ୍ଷରୁ ଏକ ମାମଲା (ନଂ.୨୬୬/୨୦୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ମୃତ ରୋହିତ ନୟାପଲ୍ଲୀରେ ରହି ଚାର୍ଟାର୍ଡ ଆକାଉଣ୍ଟିଂ ପଢୁଥିବା ବେଳେ ସମୟ ଇସ୍କନରେ ପାର୍ଟଟାଇମ୍ ଜବ୍ କରୁଥିଲେ ବୋଲି ସୂଚନା ମିଳିଛି।

**ପର୍ଯ୍ୟଟକଙ୍କଠାରୁ ଲୁଟ ଅଭିଯୋଗରେ ଜଣେ ଗିରଫ**

ପୁରୀ,(ଅଜିତ୍ କୁମାର ମହାନ୍ତି):ସମୁଦ୍ରକୂଳ ମହୋଦଧି ହଟେଲ ସମ୍ମୁଖରେ ଜଣେ ପର୍ଯ୍ୟଟକଙ୍କଠାରୁ ପର୍ସ ଲୁଟ୍ କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଛତିଶଗଡର ପଦ୍ମା ସଉରା (୨୨)। ପୋଲିସ ତାଙ୍କ ନିକଟରୁ ଦୁଇଟି ମୋବାଇଲ, ଗୋଟିଏ ପାୱାର ବ୍ୟାଙ୍କ, ଗୋଟିଏ ବ୍ୟାଗ ସହ କିଛି ସାମଗ୍ରୀ ଜବତ କରିଛି। ଏ ନେଇ କେସ୍ ନଂ ୧୧୪/୨୪ ରୁଜୁ ହୋଇଛି।

## ସଂକ୍ଷେପରେ

### ଭାଜପାରେ ମିଶିଲେ ବିଜେଡି କର୍ମୀ

ବଲଙ୍ଗା,୧୭।୫(କେଦାରେଶ୍ୱର ନନ୍ଦ)

ନିମାପଡ଼ା ନିର୍ବାଚନମଣ୍ଡଳୀର ବଲଙ୍ଗା ପଞ୍ଚାୟତ ଅଧୀନ ଭାର୍ଗବୀ କଲ୍ୟାଣ ମଣ୍ଡପଠାରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ୧୮ ନମ୍ବର ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଭ୍ୟ ସୁମନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟିକା ପ୍ରାର୍ଥୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ତଥା ୧୯ ନମ୍ବର ଜୋନ୍‌ର ପ୍ରଦୀପ୍ତ କୁମାର ଖଟୋଇ, ପ୍ରଭାତ କୁମାର ଜେନା,ବ୍ରଜସୁନ୍ଦର ଦାଶଙ୍କ ଉପସ୍ଥିତିରେ ବଲଙ୍ଗା ପଞ୍ଚାୟତ ଓ ଗୋପିନାଥପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ର ବେହେରା, ଏସ୍‌କେ ମେହ୍ଲୁ, ସଚ୍ଚିକାନ୍ତ ପ୍ରଧାନ, ସହଦେବ ଦାସ, କୃଷ୍ଣଚନ୍ଦ୍ର ଖୁଣ୍ଟିଆ, ଦୁର୍ଯ୍ୟୋଧନ ମଲ୍ଲିକ, ରାଧେଶ୍ୟାମ ବରାଳ, ପ୍ରଫୁଲ୍ଲ କୁମାର ଖଟୁଆ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି।

### ଝରକା ଭାଙ୍ଗି ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଚୋରି

କଣାସ, ୧୭।୫(ବିଭୂତି ଭୂଷଣ ତ୍ରିପାଠୀ)

ଗଡ଼ିଶାଗୋଦା ଥାନା ଅଧୀନ ସାହୁପଡା ଗ୍ରାମର ହରିହର ଛୋଟରାୟଙ୍କ ବାସଭବନ ଝରକା ଭାଙ୍ଗି ଦୁର୍ବୃତ୍ତମାନେ ୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଚୋରି କରି ନେଇଛନ୍ତି। ଏ ନେଇ ଛୋଟରାୟ ଗଡ଼ିଶାଗୋଦା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ, ଗୁରୁବାର ବିଳମ୍ବିତ ରାତ୍ରରେ ଦୁର୍ବୃତ୍ତ ବାସଗୃହ ଝରକା ତାଡ଼ି ଘରେ ପଶି ଆଲମିରା ଓ ବାକ୍ସ ଭାଙ୍ଗି ଆସବାସପତ୍ର ଭିତରୁ ସୁନାଥିବା ବକ୍ସକୁ ନେଇଯାଇଥିବାବେଳେ ସେଥିରେ ସୁନା ମୁଦି ୧୨ଟି, କାନଫୁଲ ଦୁଇହଳ, ସିନ୍ଥି ଗୋଟିଏ, ସୁନା ଚୁଡ଼ି ଚାରିପଟ, ଗୋଟିଏ ଅଣ୍ଟାସୁତା ଥିବା ଅଭିଯୋଗ ହୋଇଛି। ଥାନା ଆଇଆଇସି ଦୁର୍ଗାଚରଣ ମହାପାତ୍ର ଏକ ମାମଲା ରୁଜ୍ କରି ତଦନ୍ତ ଚଳାଇଛନ୍ତି।

### ୫ ସୂତ୍ରୀ କାର୍ଯ୍ୟକ୍ରମ ଉପରେ ଓଜେପିର ଫୋକସ୍



ପୁରୀ, ୧୭।୫(ଅଜିତ୍ କୁମାର ମହାନ୍ତି)

ପୁରୀ ଲୋକସଭା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନରେ ଓଡ଼ିଶା ଜନତା ପାର୍ଟି (ଓଜେପି) ପକ୍ଷରୁ ପୁରୀ ବିଧାନସଭା ଆସନ ନିମନ୍ତେ ସଞ୍ଜୀବ କୁମାର ମହାପାତ୍ର ପ୍ରାର୍ଥୀ ହୋଇଛନ୍ତି। ମହାପାତ୍ର ଶୁକ୍ରବାର ରାଣୀସତୀ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ତାଙ୍କ ଦଳର ପାଞ୍ଚସୂତ୍ରୀ କାର୍ଯ୍ୟକ୍ରମ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାଣି ଓ ନ୍ୟାୟ ବ୍ୟବସ୍ଥାକୁ ନେଇ ସେ ପ୍ରଚାର ଚଳାଇଛନ୍ତି। ଗାଡ଼ି ଚଳାଚଳ, ସ୍ୱାସ୍ଥ୍ୟସେବା, କେନ୍ଦ୍ରୀୟ ବିଦ୍ୟାଳୟ ସମ୍ପ୍ରସାରଣ, ପୁରୀ ସହରର ଯୁବକଙ୍କୁ ରୋଜଗାରକ୍ଷମ କରିବା, ଜମିଜମା ସମସ୍ୟାର ତୁରନ୍ତ ସମାଧାନ କରିବା, ଉନ୍ନତମାନର ସିନେମା ହଲ ଖୋଲିବା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ପୁରୀକୁ ଏକ ଉନ୍ନତ ସହର କରି ଗଢ଼ିବା, ଉଠାଦୋକାନୀଙ୍କୁ ଥଇଥାନ କରିବା, ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଓ ପୋଖରୀ ପୁନରୁଦ୍ଧାର, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଉନ୍ନତି ଓ ପୁନରୁଦ୍ଧାର, ଜମିଜମା ସମସ୍ୟାର ସମାଧାନ, ରାସ୍ତାପାର୍ଶ୍ୱ ବ୍ୟବସାୟୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ବସୁଧା ପାଣି ଯୋଗାଇବା ସହ ୨୨ଟି ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି ଅବସରରେ ଦେବୀପ୍ରସାଦ ସାମନ୍ତରାୟ, ଗିରିଧାରୀ ମହାପାତ୍ର, ମନମୋହନ ମହାପାତ୍ର, ଜୟଦେବ ମହାପାତ୍ର, ପୂର୍ଣ୍ଣବାସ ନାୟକ, ଇତିଶ୍ରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### କଂଗ୍ରେସ ପ୍ରାର୍ଥୀ ମନୋଜଙ୍କ ବାଇକ୍ ରାଲି

କଣାସ,୧୭।୫(ବିଭୂତି ଭୂଷଣ ତ୍ରିପାଠୀ)

ସତ୍ୟବାଦୀ ବିଧାନସଭା ଆସନ ପାଇଁ କଂଗ୍ରେସରୁ ଲଢୁଥିବା ମନୋଜ କୁମାର ରଥ ଶୁକ୍ରବାର କଣାସ ବ୍ଲକର ପାଣ୍ଡିଆକେରା ଓ ବଡାସ ପଞ୍ଚାୟତର ବିଭିନ୍ନ ଗ୍ରାମରେ ମୋଟରସାଇକେଲ୍ ରାଲିରେ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ସହିତ କଣାସ ବ୍ଲକ କଂଗ୍ରେସ ସଭାପତି ସଦାନନ୍ଦ ପ୍ରଧାନ, ବରିଷ୍ଠ କର୍ମୀ ସୁକାନ୍ତ ଛୁଆଳସିଂହ, ନିରଞ୍ଜନ ରାଉତ ପ୍ରମୁଖ ଶତାଧିକ କର୍ମୀ ରାଲିରେ ଯୋଗଦେଇଥିଲେ।

# ନଳକୂପ ଅଚଳ: ନଈପାଣି ପିଉଛନ୍ତି ଗ୍ରାମବାସୀ

ଗୋପ,୧୭।୫ (ଭାରତୀ ଭୂଷଣ ଉପାଧ୍ୟାୟ):

ବର୍ଷ ବର୍ଷ ଧରି ନଳକୂପ ଅଚଳ ହେବା ପରେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନକୁ ଅଭିଯୋଗ ଦେଲେ ବି କେହି ବୁଝିଲେନି। ଫଳରେ ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତର ବେଣୀପୁର ଗ୍ରାମବାସୀ ସ୍ଥାନୀୟ କୁଶଭଦ୍ରା ନଦୀର ପାଣି ପିଉଛନ୍ତି। ନଦୀର ଅପରିଷ୍କାର ପାଣି ପିଇ ସେମାନେ ପେଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ଗ୍ରାମ ସନ୍ନିକଟ ୪ ଓ ୫ ନମ୍ବର ୱାର୍ଡରେ ଶହେରୁ ଅଧିକ ପରିବାର ବସବାସ କରୁଛନ୍ତି।



ଅଚଳ ନଳକୂପ ନିକଟରେ ଗ୍ରାମର ମହିଳାମାନେ ।

ୱାର୍ଡରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଥିବାରୁ ସେମାନେ ନିକଟସ୍ଥ କୁଶଭଦ୍ରା ନଦୀକୁ ଯାଇ ପାଣି ଆଣି ପିଉଛନ୍ତି। ଅତ୍ୟଧିକ ଖରା ଓ ଗୁଳିଗୁଳିର କଷ୍ଟ ସାଙ୍ଗକୁ ଦୂର ବାଟକୁ ଚାଲିଚାଲି ଯାଇ ପାଣି ଆଣିବାକୁ ପଡୁଛି। ନଳକୂପ ଅଚଳ ସମ୍ପର୍କରେ ପ୍ରଶାସନକୁ ଅଭିଯୋଗ ଜଣାଇ ନିରାଶ ହେବାକୁ ପଡିଛି। ନଦୀ ପାଣି ପିଇବା ଫଳରେ ଗ୍ରାମବାସୀ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଛବିରାଣୀ ସାହୁଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯିବ। ଆବଶ୍ୟକ ଅନୁସାରେ ପିଇବା ପାଣି ଗାଁରେ ପହଞ୍ଚାଇବାକୁ ପଦକ୍ଷେପ ନିଆଯିବ।

# ପ୍ରଧାନମନ୍ତ୍ରୀଙ୍କ ରୋଡ୍ ଶୋ' ପାଇଁ ପ୍ରସ୍ତୁତି ଜୋରଦାର




ବଡ଼ଦାଣ୍ଡରେ ପୋଲିସ ଅଧିକାରୀମାନେ ଶୁକ୍ରବାର ସୁରକ୍ଷା ବ୍ୟବସ୍ଥା ଅନୁଧାନ କରୁଛନ୍ତି ।

ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ଆସନ୍ତା ୨୫ ତାରିଖରେ ପୁରୀ ଲୋକ ସଭା ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ନିର୍ବାଚନରେ ନିଜ ନିଜ ପ୍ରାର୍ଥୀଙ୍କ ସପକ୍ଷରେ ବିଭିନ୍ନ ଦଳ ପକ୍ଷରୁ ରାଜନୈତିକ ସଭା ସହ ରାଲି କରାଯାଉଛି। ଏହିପରିପ୍ରେକ୍ଷୀରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରେ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି। ମୋଦି ପୁରୀ ଆସି ୨୦ ତାରିଖ ପୂର୍ବାହ୍ନ ୧୦ଟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବେ। ପରେ ବଡ଼ଦାଣ୍ଡରେ ରୋଡ୍ ଶୋ' କରିବେ। ଏହି ସମୟରେ ମେଡିକାଲ ଛକରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ୧୭ ପ୍ରକାରର ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ହେବ। ସେହିପରି ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ଅପରପକ୍ଷରେ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ଗୁରୁତ୍ୱ ଦିଆଯାଇଛି। ଏ ନେଇ ପୁରୀ ଏସ୍‌ପିଙ୍କ ସହ ଏସ୍‌ପିଜି ଟିମ୍ ଆଲୋଚନା କରି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ବଡ଼ଦାଣ୍ଡକୁ ପିପିଲି ଚାନ୍ଦୁଆ ଓ ରଘୁରାଜପୁରର ପଟ୍ଟଚିତ୍ର ମାଧ୍ୟମରେ ସଜାଇବାକୁ ଯୋଜନା ହେଉଛି। ସୂଚନା ଅନୁସାରେ ୧୯ ତାରିଖରେ ମୋଦି ଭୁବନେଶ୍ୱରରେ ପହଞ୍ଚି ଭାଜପାର ବରିଷ୍ଠ ନେତୃବୃନ୍ଦଙ୍କ ସହ ବୈଠକ ପରେ ୨୦ ତାରିଖ ସକାଳେ ପୁରୀ ଆସିବେ। ରୋଡ୍ ଶୋ' ସମୟରେ ସାରା ସହର କଡ଼ା ସୁରକ୍ଷା ଛାଉଣିରେ ରହିବ। ଏଥିପାଇଁ ପୁରୀ ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ ସହ ପୁରୀ ଭାଜପା ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସୁରକ୍ଷା ବ୍ୟବସ୍ଥା ତଦାରଖ ପାଇଁ ୨ ଦିନ ତଳେ ପୋଲିସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଏ ନେଇ ପୁରୀ ଏସ୍‌ପିଙ୍କ ସହ ଏସ୍‌ପିଜି ଟିମ ସୁରକ୍ଷା ବ୍ୟବସ୍ଥା ଅନୁଧାନ କରିଛି। ହେଲିପ୍ୟାଡ୍ ଠାରୁ ଆରମ୍ଭ କରି ଶରଧାବାଲି,ଶ୍ରୀମନ୍ଦିର ପର୍ଯ୍ୟନ୍ତ ଖୋଦ୍ ପୁରୀ ଏସ୍‌ପି ପିନାକ ମିଶ୍ର ଏସ୍‌ପିଜି ଟିମ୍ ସହ ଯାଇ ସୁରକ୍ଷା ବ୍ୟବସ୍ଥାର ସରଜମିନ୍ ତଦନ୍ତ କରିଛନ୍ତି। ଏସ୍‌ପିଜି କମାଣ୍ଡୋ ଟିମ୍ ସିଟି ରୋଡ, ଭିଆଇପି ରୋଡ୍, ମେଡିକାଲ ଛକ, ବଳଗଣ୍ଡି ଛକ, ମାର୍କେଟ ଛକ, ମରିଚିକୋଟ ଛକ ସହ ଶ୍ରୀମନ୍ଦିର ସିଂହଦ୍ୱାର ଠାରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ଏସ୍‌ପିଙ୍କ ସହ ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସ୍‌ପି ପ୍ରଶାନ୍ତ କୁମାର ସାହୁ ଏବଂ ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ। ଶନିବାର କାର୍‌କେଡ୍ ରିହର୍ସାଲ ହେବ ବୋଲି ସୂଚନା ମିଳିଛି। ପୁରୀରେ ଭାଜପାର ଅନେକ ତୁଙ୍ଗ ନେତା ଆସି ଡେରା ପକାଇଲେଣି।

**ପିପିଲି ଚାନ୍ଦୁଆ ଓ ରଘୁରାଜପୁର ପଟ୍ଟଚିତ୍ରରେ ସଜେଇ ହେବ ବଡ଼ଦାଣ୍ଡ**

# ୩ ପଞ୍ଚାୟତରେ ଦିଲୀପଙ୍କ ପ୍ରଚାର

ଗୋପ,୧୭।୫(ଭାରତୀ ଭୂଷଣ ଉପାଧ୍ୟାୟ):

ନିମାପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକର ୩ ପଞ୍ଚାୟତରେ ଶୁକ୍ରବାର ବିଜେଡିର ମାରାଥନ୍ ବାଇକ୍ ଶୋଭାଯାତ୍ରାରେ ପ୍ରାର୍ଥୀ ଦିଲୀପ ନାୟକ ପ୍ରଚାର କରିଛନ୍ତି। ପ୍ରଥମେ ଦିଲୀପ ଗଣେଶ୍ୱରପୁର ପଞ୍ଚାୟତର ସୁବର୍ଣ୍ଣପୁରଠାରେ ନୂତନ ଅଫିସ୍ ଗୃହକୁ ଉଦ୍‌ଘାଟନ କରିଥିଲେ। ଏଠାରେ ନିର୍ବାଚନ ପ୍ରଚାର ସାରିବା ପରେ ସେ ବଣିଆସାହି ପଞ୍ଚାୟତରେ ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆଙ୍କ ନେତୃତ୍ୱରେ ଗାଁ ବୁଲି ଭୋଟ୍ ମାଗିଥିଲେ। ଏହାପରେ କୁଆଁପଡା ଓ ବନ୍ତଳିଗ୍ରାମ ପଞ୍ଚାୟତରେ ବାଇକ୍ ଶୋଭାଯାତ୍ରା କରିଥିଲେ। ନବୀନ ସରକାର ବିକାଶମୂଳକ କାର୍ଯ୍ୟ ସହ ସାଧାରଣ ଲୋକଙ୍କ ସମସ୍ୟା ଚିନ୍ତା କରୁଥିବା ସେ କହିଥିଲେ। ବାଇକ୍ ଶୋଭାଯାତ୍ରାରେ ସରପଞ୍ଚ ମହେଶ୍ୱର ସ୍ୱାଇଁ, ପଞ୍ଚାୟତ ସଭାପତି ଶରତ କୁମାର ନାୟକ, ପୂର୍ବତନ ସରପଞ୍ଚ ନିରଞ୍ଜନ ଶଗଡ଼ିଆ, କୁଆଁପଡା ସମିତି ସଭ୍ୟ ଦିବାକର ସାହୁ, ଦେବାନନ୍ଦ ସାହୁ, ଧନେଶ୍ୱର ସେନାପତି, ରୁଷଭ ଚନ୍ଦ୍ର ଦତ୍ତ, ଧନେଶ୍ୱର ବେହେରା, ଦିଲୀପ ବାରିକ, କୈଳାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



# ଭାଜପା ପକ୍ଷରୁ ମହିଳା ସମ୍ମିଳନୀ, ସମ୍ପର୍କ ଅଭିଯାନ

ନିମାପଡ଼ା, ୧୭।୫(ବିଚିତ୍ରାନନ୍ଦ ସାହୁ):

ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ନିମାପଡ଼ା ଭାଜପା ପକ୍ଷରୁ ମହିଳା ସମ୍ମିଳନୀ, ଶକ୍ତି ସମ୍ବାଦ ଓ ସମ୍ପର୍କ ଅଭିଯାନ ଶୁକ୍ରବାର ସ୍ଥାନୀୟ ଗ୍ରୀନ୍‌ଲ୍ୟାଣ୍ଡ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାଜପା ବିଧାୟିକା ପ୍ରାର୍ଥୀ ପ୍ରଭାତୀ ପରିଡ଼ା ମହିଳାମାନଙ୍କ ଆର୍ଥିକ ବିକାଶ, ସ୍ୱାବଲମ୍ବୀ ଓ ସୁରକ୍ଷା ପାଇଁ ନୂତନ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଯୋଜନାକୁ ଗ୍ରାମାଞ୍ଚଳର ଘରେ ଘରେ ପହଞ୍ଚାଇବାକୁ ପରିଡ଼ା ସମସ୍ତ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। ଚଳିତ ନିର୍ବାଚନରେ ରାଜ୍ୟରେ ପରିବର୍ତ୍ତନ ଆଣିବା ପାଇଁ ତଥା ସ୍ୱଚ୍ଛ, ବିକାଶିତ ଓ ସ୍ୱାଭିମାନ ନିମାପଡ଼ା ଗଠନ ପାଇଁ ନିମାପଡ଼ାରେ ପଦ୍ମ ଫୁଟାଇବାକୁ ସେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ମୋର୍ଚ୍ଚା ନେତ୍ରୀ ମୀନଲତା ମହାନ୍ତି, ଝିଲ୍ଲିଲତା ଦାସ, ସନ୍ଧ୍ୟାରାଣୀ ରଥ, କୌଶଲ୍ୟା ସାହୁ, ମୋହିନୀ ଜେନା ଏବଂ ସସ୍ମିତା ନାୟକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଶତାଧିକ ମହିଳା ଭାଜପାକୁ ଜିତାଇବା ପାଇଁ ସଙ୍କଳ୍ପ ନେଇଥିଲେ।

## ରଥଖଳାରୁ...

### ୩ ରଥର ୪୨ ତୁମ୍ବ ବିନ୍ଧ କାମ ଚାଲିଛି



ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)

ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ରଥ ନିର୍ମାଣର ସପ୍ତମ ଦିନରେ ତିନିରଥର ତୁମ୍ବ କାର୍ଯ୍ୟ ଜାରି ରହିଛି। ସେବକ ଓ କାରିଗରମାନେ ନିର୍ଦ୍ଧାରିତ ସମୟରେ ରଥଖଳାରେ ପହଞ୍ଚି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁବାର ତିନି ରଥର ୪୨ଟି ତୁମ୍ବରେ ସୂତାବାଡ଼ିଆ ହୋଇଥିଲା। ସୂତାବାଡ଼ିଆ ପରେ ତୁମ୍ବବିନ୍ଧ ଅନୁକୂଳ ପୂଜା ହୋଇ ପ୍ରତି ତୁମ୍ବରେ ୧୬ ଯୋଡ଼ା ଲେଖାଏ ବିନ୍ଧ କାର୍ଯ୍ୟ ମହାରଣା ସେବକମାନଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ସେହିପରି ଶୁକ୍ରବାର ତିନିରଥର ୪୨ଟି ତୁମ୍ବରେ ୧୬ ଯୋଡ଼ା ଲେଖାଏ ବିନ୍ଧ କାର୍ଯ୍ୟ ମହାରଣା ସେବକମାନେ ଜାରି ରଖିଛନ୍ତି। କରତି ସେବକମାନେ ତୁମ୍ବଗୁଡ଼ିକର ବଳକା ଅଂଶର ଘେରକଟା କାର୍ଯ୍ୟ କରୁଛନ୍ତି। ଅପରପକ୍ଷରେ ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର ମୋଟ ୪୨ଟି ତୁମ୍ବରେ ଅର ସଂଯୋଗ ପାଇଁ ଆବଶ୍ୟକ ୬/୭ ଇଞ୍ଚ ସାଇଜ୍‌ର ଅରକଣ୍ଟା ନିର୍ମାଣରେ ବ୍ୟସ୍ତ ରହିଛନ୍ତି। ଏଥିସହ ୪୨ଟି ତୁମ୍ବ ପାଇଁ ଆବଶ୍ୟକ ୪୨ ଯୋଡ଼ା ପଦାରିବଳା ନିର୍ମାଣ ଚାଲିଛି। ସପ୍ତମ ଦିନରେ ରଥ ନିର୍ମାଣ କାର୍ଯ୍ୟରେ ସମୁଦାୟ ୧୧୨ ଜଣ ସେବକ ଓ କାରିଗର ନିୟୋଜିତ ଥିଲେ।

### ମହିଳାଙ୍କୁ ଆକ୍ରମଣ କରି ଯୁବକ ଜେଲ ଗଲେ

ଯୋଗେଶ୍ୱରପୁର, ୧୭।୫ (ରଶ୍ମିରଞ୍ଜନ ସାହୁ)

ଜଣେ ବିଧବା ମହିଳାଙ୍କୁ ଘରେ ପଶି ଆକ୍ରମଣ କରିବା ଅଭିଯୋଗରେ ଶୁକ୍ରବାର ନୟାହାଟ ଫାଣ୍ଡି ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଂଚାୟତ ର ନୂଆପଟଣା ଗ୍ରାମର ମିନର୍ଭା ମହାନ୍ତିଙ୍କୁ ମାନସ କୁମାର ମହାନ୍ତି ନାମକ ଯୁବକ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଏ ନେଇ ଗୋପ ଥାନାରେ କେସ୍ ନମ୍ବର ୪୯୧/୨୪ ରୁଜୁ କରାଯାଇଛି।

### ଛାତ୍ରୀ ଅପହୃତ ମାମଲାରେ ଯୁବକ ଗିରଫ

ଗୋପ,୧୭।୫ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ପୋଲିସ କଲେଜ ଛାତ୍ରୀ ଅପହରଣ ଘଟଣାରେ ଶୁକ୍ରବାର ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଲଙ୍ଗା ଥାନା ଅନ୍ତର୍ଗତ କମାକନ୍ତିଆ ଗ୍ରାମର ସୌମ୍ୟରଞ୍ଜନ ବିଶ୍ୱାଳ। ପ୍ରକାଶ ଯେ ଛାତ୍ରୀଙ୍କୁ ସୌମ୍ୟରଞ୍ଜନ ମିଥ୍ୟା ପ୍ରଲୋଭନ ଦେଖାଇ ୨୦୨୩ ସେପ୍ଟେମ୍ବର ୫ରେ ଅପହୃତ କରିଥିବା ଗୋପ ଥାନାରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ କେସ୍ (ନଂ ୩୬୬/୨୩) ରୁଜୁ କରିଥିଲା।

### ୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ ଲକ୍ଷ ୩୭ ହଜାର ମତଦାତା

ପିପିଲି, ୧୭।୫(ଦୁର୍ଗାମାଧବ ମିଶ୍ର):

ଆସନ୍ତା ୨୫ ତାରିଖରେ ପିପିଲି-ଡେଲାଙ୍ଗ ବିଧାନସଭା ଆସନରେ ୯ଜଣ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଦୁଇଟି ବ୍ଲକ ଓ ଗୋଟିଏ ଏନ୍‌ଏସିକୁ ନେଇ ଏହି ବିଧାନସଭା କ୍ଷେତ୍ର ଗଠିତ। ପିପିଲି ବ୍ଲକରେ ୨୫ ପଞ୍ଚାୟତର ୧୫୫ ମତଦାନ କେନ୍ଦ୍ରରେ ୧ ଲକ୍ଷ ୩୫ ହଜାର ୮୪୯ ଜଣ ଭୋଟର ମତ ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ପୁରୁଷ ୬୯ ହଜାର ୫୫୨, ମହିଳା ୬୬ ହଜାର ୨୯୨, ତୃତୀୟ ଲିଙ୍ଗ ୫ଜଣ ରହିଛନ୍ତି। ସେହିପରି ଡେଲାଙ୍ଗ ବ୍ଲକ ୨୧ ପଞ୍ଚାୟତର ୧୧୯ ମତଦାନ କେନ୍ଦ୍ରରେ ପୁରୁଷ ୫୨ ହଜାର ୪୭୦, ମହିଳା ୪୯ ହଜାର ୫୨୮, ତୃତୀୟ ଲିଙ୍ଗ ଜଣେ ମତ ସାବ୍ୟସ୍ତ କରିବେ। ୪୨ଟି ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି। ୯ ପ୍ରାର୍ଥୀଙ୍କ ମଧ୍ୟରୁ ୬ ଜଣ ଦଳୀୟ ଏବଂ ୩ ଜଣ ସ୍ୱାଧୀନ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ପ୍ରତି କେନ୍ଦ୍ରରେ ଅସ୍ଥାୟୀ ଛାମୁଣ୍ଡିଆ, ହୁଇଲ୍ ଚେୟାର, ସହାୟକ, ପାନୀୟଜଳ ଯୋଗାଣ, ଆଶାକର୍ମୀ, ଆଇନଶୃଙ୍ଖଳା ରକ୍ଷା ପାଇଁ ସଶସ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି।

### ଭାଜପା ପକ୍ଷରୁ ସଂକଳ୍ପପତ୍ର ପ୍ରକାଶ



ପ୍ରଭାତୀ ପରିଡା ଏବଂ ଅନ୍ୟ ନେତୃବୃନ୍ଦ ସଂକଳ୍ପ ପତ୍ର ପ୍ରକାଶ କରୁଛନ୍ତି ।

ନିମାପଡ଼ା, ୧୭।୫ (ରଞ୍ଜନ ପଟ୍ଟନାୟକ/ବିଚିତ୍ରାନନ୍ଦ ସାହୁ)

ଅମଲାପଡ଼ାସ୍ଥିତ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ୬ଟି ସଂକଳ୍ପପତ୍ର ଜାରି କରିଛି ଦଳ। ଭାଜପା ବିଧାୟକ ପ୍ରାର୍ଥୀ ପ୍ରଭାତୀ ପରିଡ଼ା ଏହି ସଂକଳ୍ପପତ୍ର ସମ୍ପର୍କରେ ସୂଚନା ଦେଇଥିଲେ। ଭାଜପା କ୍ଷମତାକୁ ଆସିଲେ ନିମାପଡ଼ାକୁ ସବ୍‌ଡିଭିଜନର ମାନ୍ୟତା, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର, ସହରାଞ୍ଚଳରେ ଅତ୍ୟାଧୁନିକ ଡ୍ରେନେଜ ବ୍ୟବସ୍ଥା, ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ, ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର, କୃଷକଙ୍କ ନିମନ୍ତେ ଜଳସେଚନ ବ୍ୟବସ୍ଥା, ଅସ୍ଥାୟୀ ବ୍ୟବସାୟୀଙ୍କ ଥଇଥାନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା, ଚକବନ୍ଦୀ ମାଧ୍ୟମରେ ଘରବାଡ଼ି ପଟ୍ଟା ବଣ୍ଟନ, ପ୍ରତି ପଞ୍ଚାୟତରେ ଗଣେଶ ପୂଜାମଣ୍ଡପ ଆଦି କରାଯିବ ବୋଲି ପରିଡ଼ା କହିଛନ୍ତି। ଏହି ଅବସରରେ ଯତୀନ୍ଦ୍ର ସ୍ୱାଇଁ, ଦେବାଶିଷ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ସ୍ୱାଇଁ, ସୁଶାନ୍ତ ସ୍ୱାଇଁ, ନିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କାଦୁଆ, ଭଟ୍ଟପୁରରେ ସଞ୍ଜୟଙ୍କ ପ୍ରଚାର



ନିର୍ବାଚନୀ ପ୍ରଚାରରେ ସଞ୍ଜୟ ଦାସବର୍ମା ଏବଂ ଅନ୍ୟମାନେ।

ସାକ୍ଷୀଗୋପାଳ,୧୭।୫ (ପ୍ରଶାନ୍ତ କୁମାର ବାରିକ):

ସତ୍ୟବାଦୀ ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ଶୁକ୍ରବାର ସତ୍ୟବାଦୀ ବ୍ଲକ ଅନ୍ତର୍ଗତ କାଦୁଆ ପଞ୍ଚାୟତର ଭଟ୍ଟପୁର ଗ୍ରାମରେ ଜନସମ୍ପର୍କ ଯାତ୍ରା ଓ ନିର୍ବାଚନୀ ପ୍ରଚାର କରିଛନ୍ତି। ଗ୍ରାମବାସୀ ବାଜା ବାଣ ରୋଶଣିରେ ସଞ୍ଜୟଙ୍କୁ ପାଛୋଟି ନେଇଥିଲେ। ଏହି ଅବସରରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଯୋଡ଼ି ଶଙ୍ଖ ଚିହ୍ନରେ ଭୋଟ ଦେବା ନିମନ୍ତେ ଭୋଟରମାନଙ୍କୁ ନିବେଦନ କରିଥିଲେ। ପରେ ଗ୍ରାମରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞରେ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ। ତାଙ୍କ ସହ ସତ୍ୟବାଦୀ ବ୍ଲକ ଅଧକ୍ଷ ସୁନୀଲ କୁମାର ପଣ୍ଡା, ପୂର୍ବତନ ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ଘଟୁଆରୀ, ମିଟୁ ଜେନା, ହଟ୍ଟ କିଶୋର ଛାଟୋଇ, ବଟ କିଶୋର ଛାଟୋଇ, ପ୍ରଶାନ୍ତ କୁମାର ତ୍ରିପାଠୀ, ପ୍ରକାଶ କୁମାର ମହାରଥୀ, ସୁଦର୍ଶନ ସ୍ୱାଇଁଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# କଣାସରେ ଭାଜପାର ବିଜୟ ସଂକଳ୍ପ ସମାବେଶ

କଣାସ,୧୭।୫(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଦୋକନ୍ଦା ପଞ୍ଚାୟତର ଦୋକନ୍ଦା ମେଳନ ପଡିଆରେ ଶୁକ୍ରବାର ଅପରାହ୍ନରେ ସତ୍ୟବାଦୀ ବିଧାନସଭା ଆସନ ପାଇଁ ଭାଜପା ପ୍ରାର୍ଥୀ ଓମ୍ ପ୍ରକାଶ ମିଶ୍ରଙ୍କ ନିର୍ବାଚନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓମ୍ ପ୍ରକାଶଙ୍କ ସମେତ ଦଳର ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ୍ ପାତ୍ର, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ ଯୋଗଦେଇ ଓଡ଼ିଶାରେ ଏଥର ଭାଜପା ସରକାର ନିଶ୍ଚିତ ଗଢିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। କଣାସ ଓ ସତ୍ୟବାଦୀ ବ୍ଲକ ବାସୀଙ୍କ ଅନେକ ସମସ୍ୟା ରହିଥିବାରୁ ଓମ୍ ପ୍ରକାଶ ଜିତିବା ପରେ ସେଗୁଡିକ ପ୍ରଥମେ ସମାଧାନ କରିବେ ବୋଲି ସେ ବିଜୟ ସଂକଳ୍ପ ସମାବେଶରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଣାସ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଭିମନ୍ୟୁ ଜୟସିଂହ, ୫ନଂ ଜୋନ୍ ଜିଲା ପରିଷଦ ସଭ୍ୟା ଲତାମଣି ଜଗଦେବ ଯୋଗଦେଇ ଭାଜପାକୁ ଭୋଟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହାତମୁଠାକୁ ଟାଣ କରିବ ପାଇଁ ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ।




**ଯୋଗଦେଲେ ଆସାମ ମୁଖ୍ୟମନ୍ତ୍ରୀ, ଅଭିନେତ୍ରୀ ହେମାମାଳିନୀ**

## ସଂକ୍ଷେପରେ

### ସ୍ଥାୟୀ ଭାବେ ବନ୍ଦ ହେଲା ପେନ୍‌ସନ, ଗ୍ରାଚ୍ୟୁଇଟି

#### ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଥିଲେ ଅବସରପ୍ରାପ୍ତ ଏଏସ୍‌ଓ

**କଟକ,୧୭।୫ (କାର୍ତ୍ତିକ ସାହୁ):** ଲାଞ୍ଚ ନେବା ମାମଲାରେ କଟକ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଥିବା ବୋର୍ଡ ଅଫ୍ ରେଭିନ୍ୟୁର ଅବସରପ୍ରାପ୍ତ ଏଏସ୍‌ଓଙ୍କ ପେନ୍‌ସନ ଓ ଗ୍ରାଚ୍ୟୁଇଟି ସ୍ଥାୟୀ ଭାବେ ବନ୍ଦ କରାଯାଇଛି। ଏହା ଚଳିତମାସ ୧୬ ତାରିଖରୁ ଲାଗୁ ହେବ ବୋଲି ଜଣାପଡିଛି। ଅଭିଯୁକ୍ତ ଜଣଙ୍କ ହେଲେ ରେଣୁକା ଦେବୀ। ସେ ଭିଜିଲାନ୍ସ କୋର୍ଟ ଦ୍ୱାରା ୨୦୨୨ ନଭେମ୍ବର ୨୪ରେ ଦଣ୍ଡିତ ହୋଇଥିଲେ। ଭିଜିଲାନ୍ସ ସୂଚନା ଅନୁସାରେ, ପ୍ରାଇଭେଟ୍ ହସ୍ପିଟାଲ ଆସୋସିଏଶନ୍‌ର ରେଜିଷ୍ଟ୍ରେଶନ ସାର୍ଟିଫିକେଟ୍ ପ୍ରଦାନ ପାଇଁ କଟକସ୍ଥିତ ବୋର୍ଡ ଅଫ୍ ରେଭେନ୍ୟୁର ତତ୍କାଳୀନ ଏଏସ୍‌ଓ ରେଣୁକା ଦେବୀ ଲାଞ୍ଚ ଗ୍ରହଣ କରି ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତାଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହେବା ସହ ତାଙ୍କୁ ଗିରଫ କରାଯାଇଥିଲା। କଟକ ଭିଜିଲାନ୍ସ କୋର୍ଟରେ ମାମଲାର ବିଚାର ହୋଇ ରାୟ ପ୍ରକାଶ ପାଇଥିଲା। ତାଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହ ୧୦,୦୦୦ ଟଙ୍କା ଜରିମାନା ପ୍ରଦାନ ନିମନ୍ତେ କୋର୍ଟ ଆଦେଶ ଦେଇଥିଲେ। ଜରିମାନା ଅନାଦାୟେ ଅଧିକ ୬ ମାସ କାରାଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଥିଲେ।

### ପୋଷ୍ଟାଲ ବାଲାଟରେ ଭୋଟ ଦେଲେ ଖବରଦାତା

**ଖୋର୍ଦ୍ଧା,୧୭।୫(ପ୍ରଭାତ ପାଣିଗ୍ରାହୀ):** ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଅତ୍ୟାବଶ୍ୟକ ସେବା ପ୍ରଦାନରେ ନିୟୋଜିତ ବ୍ୟକ୍ତିବିଶେଷ ପୋଷ୍ଟାଲ ବାଲଟରେ ମତାଧିକାର ସାବ୍ୟସ୍ତ କରୁଛନ୍ତି। ଏହି ମର୍ମରେ ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ, କର୍ମଚାରୀ, ପୋଲିସ ଏବଂ ଗଣମାଧ୍ୟମ ପ୍ରତିନିଧି ପୋଷ୍ଟାଲ ବାଲଟ ମାଧ୍ୟମରେ ମତାଧିକାର ସାବ୍ୟସ୍ତ କରିଛନ୍ତି।

# ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

**ଜଟଣୀ,୧୭।୫(ରବୀନ୍ଦ୍ରନାଥ ମହାକୁଡ଼)**



ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

ଖୋର୍ଦ୍ଧା ଜିଲା ଜଟଣୀ ପାତ୍ରପଡ଼ାସ୍ଥିତ ଧନୁଯାତ୍ରା ପଡ଼ିଆ ପରିସରରେ ଗତ ୧୦ତାରିଖରୁ ଚାଲିଥିବା ପୂର୍ବ ଓଡ଼ିଶା ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ଅଷ୍ଟମ ଦିବସରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଜିଲାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅକ୍ରୁର ସୁସଜ୍ଜିତ ରଥରେ ବସି ସହର ପରିକ୍ରମା କରିଥିଲେ। କୃଷ୍ଣଲୀଳାରେ ଅନ୍ୟାୟ, ଅନୀତି ଓ ଅଧର୍ମର ବିନାଶ କରି ସଂସାରରେ ଧର୍ମ ସଂସ୍ଥାପନ ନିମନ୍ତେ ପ୍ରବଳ ପ୍ରତାପୀ, ବିଧର୍ମୀ ଦୁରାଚାରୀ କଂସକୁ ଶ୍ରୀକୃଷ୍ଣ ବଦ୍ଧ କରିଥିଲେ। ଏହି ଅବସରରେ ଏକ ବିରାଟ କଂସ ପ୍ରତିକୃତିରେ ଅଗ୍ନି ସଂଯୋଗ କରି କଂସ ପୋଡି ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ମଦନମୋହନ ନାଟ୍ୟ କଳା ସଂସଦ ପକ୍ଷରୁ ରଙ୍ଗ ସଭା ଓ କଂସ ବଦ୍ଧ ନାଟକ କଳାକାରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟି ସଭାପତି ମନମୋହନ ରାଉତରାୟଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସାହିତ୍ୟିକା ପ୍ରତିଭା ମହାରଥୀ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଶିଳ୍ପପତି ଟିକନ ଜେନା, କଣ୍ଠଶିଳ୍ପୀ କୁଳଦୀପ ପଟନାୟକ, ପୁରୀ ଜିଲା ଯୋଜନା ବୋର୍ଡ ସଦସ୍ୟ ମଳୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ମହୋତ୍ସବ କମିଟି ସଦସ୍ୟ ଓ ଗ୍ରାମବାସୀ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବ ପଡିଆ ନିକଟରେ ମୀନାବଜାର ସହିତ ବିଭିନ୍ନ ଖାଦ୍ୟ ଷ୍ଟଲରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଝାଁଳାରେ ସନ୍ତୋଷ ଜେନାଙ୍କ ପ୍ରଚାର

**ଜଟଣୀ/ଝାଁଳା,୧୭।୫ (ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)**



ଜଟଣୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାଁଳା ପଞ୍ଚାୟତରେ କଂଗ୍ରେସ ବିଧାୟକ ପ୍ରାର୍ଥୀ ସନ୍ତୋଷ ଜେନାଙ୍କ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମୁଣ୍ଡମୁହାଣ, ଗୋପାଳପୁର, ଓଗାଳପଡ଼ା, ରାଧାଚରଣପୁର, ଝାଁଳା ଆଦି ଗ୍ରାମରେ ବାଇକ୍ ରାଲି ପରିକ୍ରମା କରିଥିଲା। ଏହି ଅବସରରେ ବିଧାୟକ ପ୍ରାର୍ଥୀ ସନ୍ତୋଷ କହିଥିଲେ, ଚାଷଜମିକୁ ଜଳସେଚନ ସୁବିଧା, ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବିଭିନ୍ନ ସଂସ୍ଥାରେ ନିଯୁକ୍ତି, ଅଞ୍ଚଳରେ ଗଢ଼ିଉଠିଥିବା ବିଭିନ୍ନ ଘରୋଇ ସଂସ୍ଥାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ଆଦିବାସୀ ମହିଳା ମାନଙ୍କୁ ସମ୍ମାନ ଆଦିର ସୁବିଧା ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେବା ସହ ନିଜ ସପକ୍ଷରେ ଭୋଟ୍ ଭିକ୍ଷା କରିଥିଲେ। ଏହି ଶୋଭାଯାତ୍ରାରେ ଶତାଧିକ କଂଗ୍ରେସ କର୍ମୀଙ୍କ ସହ ସମର୍ଥକମାନେ ସାମିଲ ହୋଇଥିଲେ।

### ବୋମାମାଡ଼କୁ ନେଇ ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

**ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)**

ଭୁବନେଶ୍ୱର ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଡ଼ସାହି ଠାରେ ଥିବା ବିଜେଡିର ପାର୍ଟି ଅଫିସ୍ ନିକଟେରେ ଗୁରୁବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିଲା। ଏନେଇ ଶୁକ୍ରବାର ସିଇଓଙ୍କ ନିକଟରେ ଫେରାଦ ହୋଇଛି ବିଜେଡ଼ି। ଭାଜପା ଜାଣିଶୁଣି ହିଂସା କରୁଥିବାବେଳେ ଏହାଦ୍ୱାରା କାର୍ଯ୍ୟାଳୟ ପରିସରରେ ବିଭିନ୍ନ କ୍ଷୟକ୍ଷତି ହୋଇଥିବା ଅଭିଯୋଗ କରାଯାଇଛି। ସେହିପରି ଏଭଳି କାର୍ଯ୍ୟ କରି ଭାଜପା ସ୍ଥାନୀୟ ଲୋକଙ୍କୁ ଭୟଭୀତ କରୁଥିବା କୁହାଯାଇଛି। ସେହିଭଳି ଭାଜପା କର୍ମୀଙ୍କ ଦ୍ୱାରା ଗଞ୍ଜାମ ଓ ନୟାଗଡ଼ ଜିଲାରେ ବିଭିନ୍ନ ହିଂସାକାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି।

# 'ରାଜଧାନୀବାସୀଙ୍କୁ ସୁସ୍ଥ ପରିବେଶରେ ରଖିବି'

**ଭୁବନେଶ୍ୱର,୧୭।୫(ଶର୍ମିଷ୍ଠା ପାଣିଗ୍ରାହୀ): ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସନାତନ ବେହେରା ନିର୍ବାଚନ ଲଢ଼ୁଛନ୍ତି। ୭୩ବର୍ଷ ବୟସରେ ମଧ୍ୟ କ୍ଷମତାକୁ ଆସି ରାଜଧାନୀବାସୀଙ୍କ ପାଇଁ ଅନେକ କିଛି କରିବାର ଲକ୍ଷ୍ୟ ରଖିଛନ୍ତି ସନାତନ। ପୂର୍ବରୁ ସେ ସ୍ୱାଧୀନ, ବହୁଜନ ସମାଜ ପାର୍ଟି, ରାଷ୍ଟ୍ରୀୟ ଜନତା ଦଳରୁ ନିର୍ବାଚନ ଲଢ଼ିଛନ୍ତି। ଏଥର ନିର୍ବାଚନ ଓ ତାଙ୍କର ଆଭିମୁଖ୍ୟ ନେଇ 'ଧରିତ୍ରୀ' ସହ ସ୍ୱତନ୍ତ୍ର ସାକ୍ଷାତକାର।**



ସନାତନ, ସ୍ୱାଧୀନ ପ୍ରାର୍ଥୀ।

**ଆପଣ କାହିଁକି ନିର୍ବାଚନ ଲଢ଼ୁଛନ୍ତି?**

■ମୁଁ ନିର୍ବାଚନରେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ମୋ ଚିହ୍ନ ନଡ଼ିଆ ବଗିଚା। ଆଭିମୁଖ୍ୟ ହେଉଛି କି ବର୍ତ୍ତମାନ ଯେଉଁସବୁ ଚଳନ୍ତି ଲୋକପ୍ରତିନିଧିମାନେ ଅଛନ୍ତି ସେମାନେ କଥା ଯେମିତି କହୁଛନ୍ତି, ସେମିତି କରୁନାହାନ୍ତି। ଭୋଟରମାନଙ୍କୁ ମିଛ ପ୍ରତିଶ୍ରୁତି ଦେଉଛନ୍ତି। ସେମାନେ ଲୋକପ୍ରତିନିଧି ହେବାକୁ ଯୋଗ୍ୟ ନୁହନ୍ତି। ସହରରେ ଶୃଙ୍ଖଳା ନାହିଁ। ଏଭଳି କଥାକୁ ମୁଁ ସହ୍ୟ କରି ନ ପାରି ମୁଁ ଲଢ଼ିବାକୁ ଚାହିଁଲି। ମୁଁ ଲୋକଙ୍କ ସହ ବିଭିନ୍ନ ସାମାଜିକ କାମରେ ରହିଆସିଛି। ଭୁବନେଶ୍ୱର ଓ ରାଜଧାନୀବାସୀଙ୍କ ଆବଶ୍ୟକତାକୁ ମୁଁ ଭଲ ଭାବେ ବୁଝିଛି। ଆମ ଭଳି ସ୍ୱାଧୀନ ପ୍ରାର୍ଥୀଙ୍କ ପଛରେ କେହି ନାହାନ୍ତି। ଭୋଟରମାନଙ୍କ ପାଇଁ ଆମେ ଓ ଆମ ପାଇଁ ଭୋଟର ହିଁ ଯାହା କରିପାରିବେ।

**ଆପଣଙ୍କର ମୁଖ୍ୟ ସମର୍ଥକ କିଏ?**

■ମୋ ମନ ଓ ବିବେକ। ତା' ଛଡ଼ା ଭୋଟର ହେଲେ ଭଗବାନ। ତାଙ୍କଠୁ ଜବରଦସ୍ତ କିଛି ଛଡ଼ାଇ ଆଣିପାରିବିନି। ସେମାନେ ଯାହା ବିଚାର କରିବେ।

**ମୋଟ ଭୋଟର ସଂଖ୍ୟା କେତେ?**

■୨ଲକ୍ଷ ୧୯ହଜାର।

**ଗତଥର ଭୋଟ କେତେ ପ୍ରତିଶତ ହୋଇଥିଲା?**

■୪୦ ପ୍ରତିଶତ ଭଳି ହୋଇଥିଲା।

**ନୂଆ ଭୋଟର ଆପଣଙ୍କୁ କାହିଁକି ଭୋଟ ଦେବେ?**

■ଯୁବପିଢ଼ୀଙ୍କ ପାଇଁ ଅନେକ କିଛି କରିଛି। ଶିକ୍ଷା ଅନୁଷ୍ଠାନ, ବିଭିନ୍ନ ବଜାର, କ୍ରୀଡ଼ା ଅନୁଷ୍ଠାନ ପ୍ରତିଷ୍ଠା କରିବାରେ ମୋର ବହୁ ସହଯୋଗ ରହିଛି। କ୍ଷମତାକୁ ଆସିଲେ ସେମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା ଆଣିବି।

**ଲଢ଼ିବା ପଛରେ ମୂଳ ପ୍ରସଙ୍ଗ କ'ଣ ରହିବ?**

■ଭୁବନେଶ୍ୱରରେ ସବୁ ଲୋକଙ୍କୁ ସୁଖ ଓ ଶାନ୍ତିରେ ରଖିବି। ଚୋରି, ଡକାୟତି ଭଳି ଭୟ ମଧ୍ୟ ସମାଧାନ କରିବି। ମଣିଷଟି ଯେଉଁଭଳି ଭାବେ ବଞ୍ଚିବାକୁ ଚାହେଁ, ସେଭଳି ସୁସ୍ଥ ପରିବେଶରେ ରାଜଧାନୀବାସୀଙ୍କୁ ରଖିବି।

# '୨୦ରେ ମୋଦି, ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ'

**ପୁରୀ,୧୭।୫(ଅଜିତ୍ କୁମାର ମହାନ୍ତି)**

ଆସନ୍ତା ୨୫ତାରିଖରେ ପୁରୀ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସମସ୍ତ ବିଧାନସଭା ଆସନ ପାଇଁ ମତଦାନ ହେବାକୁ ଯାଉଛି। ତେଣୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ଦଳର ହେଭିୱେଟ୍ ନେତାମାନେ ସଭା, ଶୋଭାଯାତ୍ରା, ରୋଡ୍ ଶୋ' ଇତ୍ୟାଦି କରି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ମାଗୁଛନ୍ତି। ଆଗାମୀ ୨୦ ତାରିଖ ପୂର୍ବାହ୍ନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀରେ ଶ୍ରୀମନ୍ଦିର ସମ୍ମୁଖଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରୋଡ୍ ଶୋ' କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପକ୍ଷରେ ଉକ୍ତ ଦିନ ଅପରାହ୍ନରେ ବିଜେଡିର ବରିଷ୍ଠ ନେତା ତଥା ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ମରିଚକୋଟଠାରୁ ଗୁଣ୍ଡିଚା ମନ୍ଦିର ଦେଇ ଅଠରନଳା ପର୍ଯ୍ୟନ୍ତ ରୋଡ୍ ଶୋ' କରିବେ। ଗୋଟିଏ ଦିନରେ ପ୍ରମୁଖ ଦୁଇ ଦଳର ହେଭିୱେଟ୍ ନେତାଙ୍କ ରୋଡ୍ ଶୋ'କୁ ନେଇ ପୁରୀ ରାଜନୈତିକ ପାରଦ ଅଧିକ ଉଷ୍ମ ହୋଇଛି। ପୋଲିସ ପକ୍ଷରୁ କାର୍‌କେଡ୍ ଓ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରାଯାଉଛି।

# ଭାଜପା କେନ୍ଦ୍ରୀୟ, ରାଜ୍ୟ ନେତାଙ୍କ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୭।୫(ଅସମାପିକା ସାହୁ)**

ନିର୍ବାଚନୀ ପ୍ରଚାରକୁ ଶାଣିତ କରିବା ପାଇଁ କେନ୍ଦ୍ରୀୟ ଓ ରାଜ୍ୟ ନେତୃବୃନ୍ଦମାନେ ବିଭିନ୍ନ ସ୍ଥାନ ଗସ୍ତ କରୁଛନ୍ତି। ଶନିବାର ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ପ୍ରତାପ ଷଡ଼ଙ୍ଗୀ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ବାଲେଶ୍ୱରରେ ପୂର୍ବାହ୍ନ ସାଢ଼େ ୧୦ଟାରେ, କେନ୍ଦ୍ରାପଡ଼ାଠାରେ ଅପରାହ୍ନ ୨ଟାରେ ଏବଂ ଭୁବନେଶ୍ୱରରେ ଅପରାହ୍ନ ୪ଟା ୩୦ରେ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବେ। ସେହିପରି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ପୂର୍ବାହ୍ନ ୧୦ଟାରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରର ବଣାଇଠାରେ ଏବଂ ଅପରାହ୍ନ ୧ଟା ୩୦ରେ ରାଜଗାଙ୍ଗପୁରଠାରେ ଜନସଭାକୁ ସମ୍ବୋଧନ କରିବେ। କେନ୍ଦ୍ରମନ୍ତ୍ରୀ ଭୁପେନ୍ଦ୍ର ଯାଦବ ସକାଳ ୯ଟା ୪୫ରେ କଣ୍ଟାବାଞ୍ଜିଠାରେ, ଏମ୍‌ପି ହେମାମାଳିନୀ ପୂର୍ବାହ୍ନ ୧୦ଟା ୩୦ରେ ଦେବଗଡଠାରେ ଏବଂ ପୂର୍ବାହ୍ନ ୧୧ଟା ୪୫ରେ ପାଲଲହଡାଠାରେ ପ୍ରଚାର କରିବେ। ରାଜ୍ୟ ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ପୂର୍ବାହ୍ନ ୧୦ଟା ୩୦ରେ ବ୍ରଜରାଜନଗରଠାରେ ଏବଂ ମଧ୍ୟାହ୍ନ ୧୨ଟା ୩୦ରେ ଝାରସୁଗୁଡାଠାରେ ଜନସଭାକୁ ସମ୍ବୋଧନ କରିବେ। ରାଜ୍ୟ ମୁଖପାତ୍ର ପୀତାମ୍ବର ଆଚାର୍ଯ୍ୟ ଏବଂ ଏମ୍‌ପି ଅନୁଭବ ମହାନ୍ତି ପୂର୍ବାହ୍ନ ୧୦ଟାରେ ଆସ୍କାଠାରେ, ପରେ ପୋଲସରାଠାରେ ଏବଂ ଅପରାହ୍ନ ୨ଟାରେ ଭଞ୍ଜନଗରଠାରେ, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ସିଦ୍ଧାନ୍ତ ମହାପାତ୍ର ସୁନ୍ଦରଗଡ଼ଠାରେ ଅନୁଷ୍ଠିତ ଦୁଇଟି ରୋଡ୍ ଶୋ'ରେ ଯୋଗ ଦେବେ।



ଡଲ୍‌ଫିନ୍‌ଙ୍କ ସୁରକ୍ଷା ପାଇଁ ବନ ବିଭାଗର କର୍ମଚାରୀମାନେ ଶୁକ୍ରବାର ଚିଲିକାରେ ଡଙ୍ଗାରେ ବସି ପଇଁତରା ମାରୁଛନ୍ତି।

# ବିଜେଡି ମୋତେ କାମ କରିବାକୁ ସୁଯୋଗ ଦେଲାନି : ଅନୁଭବ

**ଭୁବନେଶ୍ୱର,୧୭।୫(ଶର୍ମିଷ୍ଠା ପାଣିଗ୍ରାହୀ)**

ଓଡ଼ିଶାର ଲୋକ ନବୀନ ବାବୁଙ୍କ ପାଇଁ ବିଜେଡିକୁ ଭୋଟ ଦେଉଥିଲେ। ଏବେ ଓଡ଼ିଶାରେ ନବୀନ ଶାସନ ଚାଲୁନାହିଁ। ନବୀନ ବାବୁଙ୍କୁ ଓଡ଼ିଶାର ଲୋକେ ଦେଖିବା ତ ଦୂରର କଥା ଦଳର ନେତା, ମନ୍ତ୍ରୀମାନେ ମଧ୍ୟ ଭେଟିବାର ସୁଯୋଗ ପାଉନାହାନ୍ତି। ମୁଁ ବିଜେଡିର ଏମ୍‌ପି ଥିଲି, କିନ୍ତୁ ନବୀନ ବାବୁଙ୍କୁ ଦେଖିବାର ସୁଯୋଗ ପାଇନି କି କେନ୍ଦ୍ରାପଡା ବିକାଶର କୌଣସି ବିଷୟରେ କଥା ହେବାର ସୁଯୋଗ ମୋତେ ମିଳିଲା ନାହିଁ। ଜିଲାପାଳଙ୍କ ଅଫିସରେ ମୋ ଫାଇଲ ମାସ ମାସ ଧରି ପଡିରହୁଥିଲା। ମୋତେ କେନ୍ଦ୍ରାପଡା ପାଇଁ କାମ କରାଇ ଦେଉ ନ ଥିଲେ। କରୋନା ସମୟରେ ଯେତେବେଳେ କୁଆଡେ ଗଲ ବୋଲି ପ୍ରଶ୍ନ ଆସିଲା, ସେତେବେଳେ ମୁଁ କାହାକୁ ଉତ୍ତର ଦେଇପାରୁ ନ ଥିଲି। ବିଜେଡି ମୋତେ କାମ କରିବାର ସୁଯୋଗ ଦେଲାନି। ଲୋକଙ୍କ ଭିତରେ ମୋ ପାଇଁ ଘୃଣା ସୃଷ୍ଟି କରିବାର ସୁଯୋଗ କରାଇଦେଲା ବୋଲି ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି କହିଛନ୍ତି। ଶୁକ୍ରବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାନ୍ତି କହିଛନ୍ତି, ବିଜେଡି ସରକାରର ଆକ୍ରୋଶମୂଳକ ଆଚରଣ ପାଇଁ ମୋ ବାପା ୧୬ବର୍ଷ ଧରି କଷ୍ଟ ଭୋଗିଛନ୍ତି। ମୋ ବାପାଙ୍କ ନାଁରେ ବିଜେଡି ୨୦୨୧ରେ ଯେଉଁ ଅଭିଯୋଗ ଆଣିଥିଲା ତାହା ସମ୍ପୂର୍ଣ୍ଣ ମିଛ ବୋଲି ମହାନ୍ତି କହିଛନ୍ତି। ବିଜେଡି ମୋତେ କ୍ରିମିନାଲ ସଜାଇଦେଇଛି। ବିଜେଡିର ଯେଉଁ ନେତାଙ୍କ ପାଇଁ ମୁଁ ପରିଶ୍ରମ କରିଥିଲି ସେମାନେ ମୋତେ କେବେ ବି ମୋ ଅସୁବିଧାବେଳେ ସାହାଯ୍ୟର ହାତ ବଢ଼ାଇ ନାହାନ୍ତି। ମୋ ନାଁରେ ଜାମିନବିହୀନ ଗିରଫ ପରୱାନା ବାହାର କରି ଭାଜପା ପାଇଁ ପ୍ରଚାର ନ କରାଇ ଦେବାର ଚକ୍ରାନ୍ତ ଓ ଷଡଯନ୍ତ୍ର ହୋଇଛି। ଓଡ଼ିଶାର ଜନତା ନିଷ୍ପତ୍ତି ନେଇସାରିଲେଣି ଏଥର ପରିବର୍ତ୍ତନ ନିଶ୍ଚିତ ହେବ। ମୁଁ ଆସନ୍ତାକାଲିଠାରୁ ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବି ବୋଲି ମହାନ୍ତି କହିଛନ୍ତି। ଏହି ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଓସିପିଏଲ୍ ପକ୍ଷରୁ ଦିନିକିଆ କର୍ମଶାଳା

**ଭୁବନେଶ୍ୱର,୧୭।୫**

ଓଡ଼ିଶା କୋଲ୍ ଆଣ୍ଡ ପାୱାର ଲିମିଟେଡ୍ (ଓସିପିଏଲ୍)ର ମନୋହରପୁର ୟୁନିଟ୍ ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ନିମୋନୋକୋନିଓସିସ୍ ଉପରେ ଏକ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପ୍ଲାଣ୍ଟ ପରିସରରେ ଆୟୋଜିତ ହୋଇଥିଲା। ଏପରିକି ଡିଜିଏମ୍ଏସ୍ ଭୁବନେଶ୍ୱର ଅଞ୍ଚଳ-୨ ଅଧୀନରେ ଓସିପିଏଲ୍‌ର ମନୋହରପୁର କୋଇଲା ଖଣି ପ୍ରକଳ୍ପଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦୦ କର୍ମଚାରୀ ଅଂଶଗ୍ରହଣ କରିଥିଲାବେଳେ ସେମାନଙ୍କ ମଧ୍ୟରୁ ୫୦ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି ଅବସରରେ ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର ଏବଂ ଖଣି ସୁରକ୍ଷା ଉପନିର୍ଦ୍ଦେଶକ ଉଲିମେଲା ଶିବଶଙ୍କର, ପ୍ରକଳ୍ପ ମୁଖ୍ୟ ଏଲ୍.ଆର୍.ସି . ରେଡ୍ଡି, ମାନବ ସମ୍ବଳ ମ୍ୟାନେଜର ବିଜୟ କୁମାର ସାହୁ, ଖଣି ଏଜେଣ୍ଟ ପ୍ରବୀଣ ରଞ୍ଜନ, ଖଣି ମ୍ୟାନେଜର ସୁଧାଂଶୁ ସିହ୍ନା ଓ ଏନ୍‌ଟିପିସିର ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

ସେହିଭଳି ଓସିପିଏଲ୍‌ର ମୁଖ୍ୟ ଚିକିତ୍ସା ଅଧିକାରୀ ରାଜେଶ ମାର୍ସେଲ ବାଜଙ୍କ ନେତୃତ୍ୱରେ ଓସିପିଏଲ୍‌ର ଡାକ୍ତରୀ ଦଳ ନିମୋନୋକୋନିଓସିସ୍- ଏକ ଧୂଳି ସମ୍ବନ୍ଧୀୟ ଫୁସ୍‌ଫୁସ୍ ରୋଗ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଏପରିକି ନିମୋନୋକୋନିସିସ୍‌ର କାରଣ, ଲକ୍ଷଣ, ବିଭିନ୍ନ ପର୍ଯ୍ୟାୟ ଚିକିତ୍ସା ଏବଂ ପ୍ରତିରୋଧ ପଦକ୍ଷେପ ଆଦି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଉପସ୍ଥିତ ଲୋକଙ୍କୁ ପ୍ରଶିକ୍ଷିତ କରାଯିବା ସହ ସଚେତନତା ସୃଷ୍ଟି ମଧ୍ୟ କରାଯାଇଥିଲା। ଅପରପକ୍ଷରେ ଖଣି ସୁରକ୍ଷା (ମାଇନ୍ସ ସେଫ୍ଟି)ର ନିର୍ଦ୍ଦେଶକ ତଥା ଡେପୁଟି ଡାଇରେକ୍ଟର ନିମୋନୋକୋନିଓସିସ୍ ଭଳି ବୃତ୍ତିଗତ ରୋଗକୁ ରୋକିବା ପାଇଁ ଆଇନଗତ ଆବଶ୍ୟକତା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏପରିକି କର୍ମକ୍ଷେତ୍ରରେ ଧୂଳି ନିୟନ୍ତ୍ରଣ ପଦକ୍ଷେପ ସହ ଖଣିରେ ନିୟମିତ ବାୟୁବାହୀ ଧୂଳି ସର୍ବେକ୍ଷଣ ଓ ସମସ୍ତ ଶ୍ରମିକ ଏବଂ ସୁପରଭାଇଜରଙ୍କ ଧୂଳି ମାସ୍କର ବାରମ୍ବାର ବ୍ୟବହାର ସହ ଖଣି ମାଲିକଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆଦି ଉପରେ ଜୋର ଦେଇଥିଲେ।




ଓସିପିଏଲ୍‌ର ମନୋହରପୁର ୟୁନିଟ୍ ପକ୍ଷରୁ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ।

# 'ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛିବା ଲୋକଙ୍କ ଦାୟିତ୍ୱ'

**ଭୁବନେଶ୍ୱର, ୧୭।୫ (ବନ୍ଦନା ସେଠୀ)– ୨୦୨୪ ସାଧାରଣ ନିର୍ବାଚନକୁ ନେଇ ସବୁଆଡ଼େ ରାଜନୈତିକ ବାତାବରଣ ସରଗରମ ରହିଛି। ଏଭଳି ସ୍ଥିତିରେ ଭୁବନେଶ୍ୱରରେ ମେ' ୨୫ରେ ତୃତୀୟ ପର୍ଯ୍ୟାୟ ମତଦାନ ହେବାକୁ ଯାଉଛି। ତେଣୁ ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରାର୍ଥୀମାନେ ଭିନ୍ନଭିନ୍ନ ଉପାୟରେ ଜୋର୍‌ଦାର ପ୍ରଚାର ଚଳାଉଛନ୍ତି। ତେବେ ରାଜନୈତିକ ଦଳ ଓ ନେତା ଯେତେ ପ୍ରଲୋଭନ ଦେଖାଇଲେ ମଧ୍ୟ ଭାବିଚିନ୍ତି ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ୍ ଦେବା ଲୋକଙ୍କର ଦାୟିତ୍ୱ ବୋଲି ବୁଦ୍ଧିଜୀବିମାନେ ମତ ପ୍ରକାଶ କରିଛନ୍ତି।**

## କ'ଣ କୁହନ୍ତି ଏମାନେ...



"ଯେଉଁ ପ୍ରାର୍ଥୀମାନେ ବିଧାୟକ ଓ ଏମ୍‌ପି ହେବେ, ସେମାନେ ସାଧାରଣ ଲୋକଙ୍କ ଦୁଃଖ, ସମସ୍ୟାକୁ ବୁଝି ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ କରିବେ ବୋଲି ଲୋକଙ୍କର ବିଶ୍ୱାସ ରହୁଛି। ମାତ୍ର ନିର୍ବାଚନ ଜିତିବା ପରେ ଜନପ୍ରତିନିଧିମାନେ ଏହି ବିଶ୍ୱାସର ଉତ୍ତରଦାୟୀ ରହିପାରୁ ନାହାନ୍ତି। ବରଂ ସେମାନେ ଉପରମହଲକୁ ଖୁସି କରିବାରେ ବ୍ୟସ୍ତ ରହୁଛନ୍ତି। ସହରର ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱାରୋପ କରିବା ଦରକାର। ତେଣୁ ଜଣେ ସ୍ୱଚ୍ଛ, କର୍ତ୍ତବ୍ୟପରାୟଣ ଏବଂ ଉତ୍ତରଦାୟୀ ହୋଇପାରୁଥିବା ପ୍ରାର୍ଥୀଙ୍କୁ ବାଛିବା ଆମ ସମସ୍ତଙ୍କର କର୍ତ୍ତବ୍ୟ।

**–ରଘୁନାଥ ପଣ୍ଡା**



"ଲୋକଙ୍କର ସୁବିଧା ଅସୁବିଧା ବୁଝିବା ହେଉଛି ଜନନେତାଙ୍କ ଦାୟିତ୍ୱ। ମାତ୍ର ଅଧିକାଂଶ ସମୟରେ ଲୋକମାନେ ନିଜର ସମସ୍ୟା ନେଇ ତାଙ୍କ ପାଖକୁ ଯିବାକୁ ଭୟ କରନ୍ତି। କାରଣ ନେତାମାନେ ନିର୍ବାଚନ ସମୟରେ ଲୋକଙ୍କ ଘରଘର ବୁଲିଥାନ୍ତି, ମାତ୍ର ଥରେ ଜିତିଗଲା ପରେ ତାଙ୍କ ଗେଟ୍ ପାଖକୁ ପଶିବାକୁ ଦିଅନ୍ତି ନାହିଁ। ତେଣୁ ଦଳ ନୁହେଁ, ବରଂ ଲୋକଙ୍କ ସୁଖଦୁଃଖରେ ଠିଆ ହୋଇପାରୁଥିବା ପ୍ରାର୍ଥୀଙ୍କୁ ମୁଁ ଭୋଟ୍ ଦେବି।

**–ସୁନିତା ସ୍ୱାଇଁ**



"ବିଗତ ୨୫ବର୍ଷ ଭିତରେ ବିଜେଡ଼ି ସରକାର ଲୋକଙ୍କ ପାଇଁ ଯାହାକିଛି କରିଛି, ତାହା ସମସ୍ତେ ଜାଣିଛନ୍ତି। ପୂର୍ବ ଅପେକ୍ଷା ଭୁବନେଶ୍ୱରର କଳେବର ବୃଦ୍ଧି ପାଇବା ସହ ଅନେକ ଉନ୍ନତିମୂଳକ କାର୍ଯ୍ୟ ହୋଇଛି। ଏହି ସରକାର ପୁଣି ଶାସନରେ ରହିଲେ ଆମ ସହର ତଥା ରାଜ୍ୟର ଆହୁରି ଉନ୍ନତି ହେବ। ତେଣୁ ଚଳିତ ଥର ନିଶ୍ଚିତ ଭାବେ ମୁଁ ପୁଣିଥରେ ବିଜେଡିକୁ ଭୋଟ୍ ଦେବି।

**–ପୁଷ୍ପଲତା ମହାନ୍ତି**



"ଆମେ ଏଭଳି ଲୋକଙ୍କୁ ବାଛିବା ଦରକାର ଯିଏ ସବୁବେଳେ ଲୋକଙ୍କ ସହ ରହୁଥିବେ। ନିର୍ବାଚନ ସମୟରେ ସବୁ ଦଳର ପ୍ରାର୍ଥୀ ମିଠାମିଠା କଥା କୁହନ୍ତି। ତେଣୁ ମିଠା କଥା ଏବଂ ମିଛ ପ୍ରତିଶ୍ରୁତିରେ ଭାସି ନ ଯାଇ, ଯିଏ କାମରେ କରି ଦେଖାଇବେ ସେଭଳି ପ୍ରାର୍ଥୀଙ୍କୁ ଜିତାଇବା ଆମ ସମସ୍ତଙ୍କର ଦାୟିତ୍ୱ।

**–ଅଦ୍ୱୈତ ପ୍ରସାଦ ବେହେରା**

# ବୁଝିବିଚାରି ପ୍ରାର୍ଥୀ ଚୟନକଲେ ଭଲ

## ନିର୍ବାଚନ ପାଇଁ ଭୋଟରଙ୍କ ମୁଡ୍

**କଟକ,୧୭ା୫(ଦିବାକର ସାହୁ): ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଥିବାବେଳେ ପାଖେଇଆସୁଛି ଦ୍ୱିତୀୟ ପର୍ଯ୍ୟାୟ ମତଦାନ ତାରିଖ। ଏଥିପାଇଁ ରାଜନୈତିକ ବାତାବରଣ ଉଷ୍ମ ହେବାରେ ଲାଗିଛି। ପ୍ରାର୍ଥୀମାନେ ବାଇକ୍ ଶୋଭାଯାତ୍ରା, ରୋଡ୍ ଶୋ' ଓ ପଦଯାତ୍ରା କରି ନିଜ ସପକ୍ଷରେ ଭୋଟ୍ ଦେବା ପାଇଁ ନିବେଦନ କରୁଛନ୍ତି। ଏପରିକି ଅନେକ ମନଲୋଭା ପ୍ରତିଶ୍ରୁତି ମଧ୍ୟ ଦେଉଛନ୍ତି। ଇତିମଧ୍ୟରେ ପ୍ରଥମକରି ଭୋଟ୍ ଦେବାକୁ ଯାଉଥିବା ଯୁବ ଭୋଟରଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଯେଉଁ ପ୍ରାର୍ଥୀ ସେମାନଙ୍କ ଅଞ୍ଚଳର ଉନ୍ନତି କରିବା ସହ ଲୋକଙ୍କ ସମସ୍ୟା ସମାଧାନ କରିପାରିବ ବାସ୍ତବରେ ତାଙ୍କୁ ଭୋଟ ଦେବା ପାଇଁ ଭୋଟରମାନେ ମନସ୍ଥ କରିଥିବା ଜଣାପଡ଼ିଛି। ଧରିତ୍ରୀ ପକ୍ଷରୁ ଭୋଟରଙ୍କ ମୁଡ୍ ପରଖିବାବେଳେ ଏଭଳି ସ୍ଥିତି ନଜରକୁ ଆସିଥିଲା।**

“ଦେଶର ଜଣେ କର୍ତ୍ତବ୍ୟପରାୟଣ ନାଗରିକ ଭାବେ ଭୋଟ ଦେବା ମୋ ଅଧିକାର। ଏଥିସହ



ଏକ ସୁସଂଗଠିତ ରାଷ୍ଟ୍ର ଗଠନରେ ସହାୟତା କରିବା ମୋର କର୍ତ୍ତବ୍ୟ। କୌଣସି ନେତାଙ୍କ କଥାରେ ଭାସିଯିବା ଠିକ୍ ନୁହେଁ। ପ୍ରାର୍ଥୀମାନେ ବିଭିନ୍ନ ପ୍ରଲୋଭନ ଦେଖାଇବେ। ହେଲେ କିଛି ଟଙ୍କା ଆଉ ଖାଦ୍ୟ ପାଇଁ ନିଜ ଭୋଟକୁ ବିକ୍ରି କରିଦେବା ଜଣେ ଉପଯୁକ୍ତ ନାଗରିକର କର୍ତ୍ତବ୍ୟ ନୁହେଁ। ତେଣୁ ବୁଝିବିଚାରି ପ୍ରାର୍ଥୀ ଚୟନକଲେ ଭଲ ହେବ।

**ସାରଳା ମାହେଶ୍ୱରୀ ଜେନା, ନର୍ସ, ଏସ୍‌ସିବି ମେଡିକାଲ କଲେଜ**

“ଗଣତନ୍ତ୍ରର ଏହା ଏକ ବଡ଼ ପର୍ବ। ପ୍ରଥମଥର ଭୋଟ୍ ଦେବା ପାଇଁ ବହୁତ ଉତ୍ସାହିତ ରହିଛି। ରାଜନୈତିକ ହିଂସାକୁ ମୂଳପୋଛ କରିବା ଦରକାର। ଯେହେତୁ



ମୁଁ ଜଣେ ଶିକ୍ଷିତ ନାଗରିକ, ସେ ହିସାବରେ ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବି। ପ୍ରତି ୫ ବର୍ଷରେ ସରକାର ପରିବର୍ତ୍ତନ ହେବା ଦରକାର।

**ରମେଶ ଚନ୍ଦ୍ର ବାରିକ, କମ୍ପାନୀ ସଚିବ ସଂସ୍ଥାନର ଛାତ୍ର**

“ନିର୍ବାଚନବେଳେ ହିଂସା ଏବଂ ବେଆଇନ କାର୍ଯ୍ୟ ବୃଦ୍ଧିପାଉଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ମୋ ମତରେ ଦଳ ଏବଂ ପ୍ରାର୍ଥୀଙ୍କୁ ଦେଖି ମତଦାନ ପାଇଁ ନିଷ୍ପତ୍ତି ନେବା କଥା। ପ୍ରାର୍ଥୀ ଜଣଙ୍କ ଲୋକଙ୍କ ସୁଖଦୁଃଖର ସାଥୀ ହୋଇଥିବ ଏବଂ



ଦୂରଦୃଷ୍ଟି ସମ୍ପନ୍ନ ହୋଇଥିଲେ ଭଲ। ଏହାଦ୍ୱାରା ରାଜ୍ୟର ସମସ୍ୟା ସଂସଦରେ ପହଞ୍ଚିପାରିବ।

**ନୀତେଶ କୁମାର ସାହୁ, ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ଛାତ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ**

“ଚଳିତ ନିର୍ବାଚନରେ ପ୍ରଥମଥର ଭୋଟ ଦେବାକୁଥିବାରୁ ବହୁତ ଉତ୍ସାହିତ ଅଛି। ନିର୍ବାଚନରେ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ସହ ଦଳର ଆଭିମୁଖ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ ବ୍ୟକ୍ତି



ଏବଂ ରାଜନୈତିକ ଦଳ ଉଭୟ ଜନମଙ୍ଗଳକାରୀ କାର୍ଯ୍ୟ କଲେ ଭୋଟରମାନେ ସେମାନଙ୍କୁ ନିଶ୍ଚୟ ବାଛିବେ।

**ଚିନ୍ମୟ କୁମାର ଦାସ, ଆଇନ ବିଭାଗ ଛାତ୍ର, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ**

“ଗଣତନ୍ତ୍ରର ମହାନ୍ ପର୍ବରେ ନିଜକୁ ସାମିଲ କରିବା ଦରକାର। କାରଣ ୫ ବର୍ଷ ପାଇଁ ଆମେ ଆମ ପ୍ରତିନିଧିମାନଙ୍କୁ ବାଛିବାକୁ ଯାଉଛୁ।



ଯେହେତୁ ଆମେ ଗଣତନ୍ତ୍ର ରାଷ୍ଟ୍ରରେ ରହୁଛେ ତେଣୁ ଭୋଟ ଦେବାବେଳେ ଉପଯୁକ୍ତ ପ୍ରାର୍ଥୀଙ୍କ ଉପରେ ଧ୍ୟାନ ଦେବା ଦରକାର। ଯେଉଁ ଦଳ କେନ୍ଦ୍ର ଆଉ ରାଜ୍ୟର ଉନ୍ନତି କରିପାରିବ ସେହି ଦଳର ପ୍ରାର୍ଥୀଙ୍କୁ ଭୋଟ ଦେବା ଦରକାର।

**ଶ୍ୟାମସୁନ୍ଦର ସାହୁ, ପରିସଂଖ୍ୟାନ ବିଭାଗ ଛାତ୍ର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ।**

# ୨ ପଞ୍ଚାୟତରେ ବିଜେଡି କର୍ମୀ ସମାବେଶ



ଅସୁରେଶ୍ୱରଠାରେ ଆୟୋଜିତ ସମାବେଶରେ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଓ ଅନ୍ୟମାନେ।

**ନିଶ୍ଚିନ୍ତକୋଇଲି,୧୭ା୫(ଅଶୋକ କୁମାର ମହାପାତ୍ର)**

ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଓ କଟରପଡା ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମାବେଶରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କର୍ମୀମାନେ ସଙ୍ଗଠିତ ହୋଇ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ। ଏଥିରେ ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା ଯୋଗଦେଇ ବିଜେଡିର ରାଜ୍ୟ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ସଭାରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ୍ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା,ଅଧ୍ୟକ୍ଷା ରୋଜି ସେଠୀ ପ୍ରମୁଖ ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ନିର୍ବାଚନରେ କିଭଳି କାର୍ଯ୍ୟ କରିବାକୁ ହେବ ସେନେଇ ଆଲୋକପାତ କରିଥିଲେ। ଅସୁରେଶ୍ୱର ପଞ୍ଚାୟତରେ ଆୟୋଜିତ କର୍ମୀ ସମାବେଶକୁ ସରପଞ୍ଚ ଗୌତମୀ ଦାସ, ଅନନ୍ତ କୁମାର ଦାସ, ଜିଲାପରିଷଦ ସଭ୍ୟା ଜସ୍ମିତା ସେଠୀ, ସମିତିସଭ୍ୟା ହିମାଦ୍ରୀ ମିଶ୍ର, ପଞ୍ଚାୟତ ବିଜେଡି ସଭାପତି ଶିଶିର ମିଶ୍ର, ନିତ୍ୟାନନ୍ଦ ସେଠୀ, ପୂର୍ବତନ ସରପଞ୍ଚ ରାଜୀବ ଲୋଚନ ବେହେରା, ମହେଶ୍ୱର ବାରିକ, ଗୋପାଳ ବେହେରା ପ୍ରମୁଖ ସଂଯୋଜନା କରିଥିଲେ। ସେହିଭଳି ଭାବେ କଟରପଡା ପଞ୍ଚାୟତରେ ପଞ୍ଚାୟତ ବିଜେଡି ସଭାପତି କୈଳାସ ଚନ୍ଦ୍ର ସ୍ୱାଇଁ, ପତିତପାବନ ସ୍ୱାଇଁ, ଅଶୋକ ମହାନ୍ତି, ଫକୀର ଚରଣ ନାୟକ ପ୍ରମୁଖ ଯୋଗଦେଇ ଥିଲେ।

# ବିଜେଡିର ମୋଟରସାଇକେଲ୍ ଶୋଭାଯାତ୍ରା

**ସାଲେପୁର,୧୭ା୫(ଅରବିନ୍ଦ ଭୂୟାଁ)**

ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତରେ ଶୁକ୍ରବାର ଅପରାହ୍ନରେ ବିଜେଡିର ମୋଟର ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା ଦଳୀୟ କର୍ମୀ ଓ ସମର୍ଥକଙ୍କ ସହ ସ୍ଥାନୀୟ ମଧୁମଣ୍ଡପରୁ ବାହାରି ଚନ୍ଦ୍ରାଦେଇପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରି ଲୋକଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି ମୋଟର ସାଇକେଲ୍ ଶୋଭାଯାତ୍ରାରେ ଜିଲାପରିଷଦ ସଭ୍ୟା ନମିତା ସେଠୀ, ବିଜେଡି ନେତା ନନ୍ଦକିଶୋର ଭୂୟାଁ, ମନୋରଞ୍ଜନ ଭୂୟାଁ, ନବକିଶୋର କର, ଶ୍ରୀପତି ଷଡ଼ଙ୍ଗୀ, ଦେବାଶିଷ ଭୂୟାଁ, ସରପଞ୍ଚ ରଶ୍ମିତା ଦାସ, ସମିତିସଭ୍ୟା ପୁଷ୍ପିତା ଭୂୟାଁ, ଜୟନ୍ତୀ ଭୂୟାଁ, ସୌମ୍ୟରଞ୍ଜନ ମଲ୍ଲ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### କେଶବ, ବୃନ୍ଦାବନ ପାଇବେ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ

**କଟକ,୧୭ା୫ (ଦିବାକର ସାହୁ)**

ବିଶିଷ୍ଟ କଣ୍ଠଶିଳ୍ପୀ ଗୁରୁ କେଶବ ଚନ୍ଦ୍ର ରାଉତ ଓ ଗୀତିକାର ବୃନ୍ଦାବନ ଜେନାଙ୍କୁ ଚଳିତବର୍ଷ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ଏନେଇ ଭଜନ ସମ୍ରାଟ ଭିକାରୀ ବଳ ସ୍ମୃତି ସଂସଦ ପକ୍ଷରୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଭିକାରୀ ବଳଙ୍କ ଜୟନ୍ତୀ ଉପଲକ୍ଷେ ଆସନ୍ତା ୨୬ ତାରିଖ ସନ୍ଧ୍ୟା ସାଢେ ୬ଟାରେ କଟକ ଶତାବ୍ଦୀ ଭବନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ କେଶବ ଓ ବୃନ୍ଦାବନଙ୍କୁ ସମ୍ମାନିତ କରାଯିବ। ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ବିଶ୍ୱନାଥ ରଥ ଓ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ଡା. ଆଶୁତୋଷ ପ୍ରସାଦ ମିଶ୍ର ଅତିଥି ଭାବେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।

### କଟକ ଜିଲା ଯୁବବିଜେଡି ଉପ ସଭାପତିଙ୍କ ଇସ୍ତଫା

**ସାଲେପୁର,୧୭ା୫(ଅରବିନ୍ଦ ଭୂୟାଁ)**

କଟକ ଜିଲା ଯୁବ ବିଜେଡି ଉପସଭାପତି ବିଶ୍ୱଜିତ୍ ଚାଟାର୍ଜୀ ଦଳର ପ୍ରାଥମିକ ସଦସ୍ୟ ଓ ଉପସଭାପତି ପଦରୁ ଇସ୍ତଫା ଦେଇଛନ୍ତି ବୋଲି ଏକ ପ୍ରେସ୍ ଇସ୍ତାହାରରେ ପ୍ରକାଶ କରିଛନ୍ତି। ସେ ତାଙ୍କ ଇସ୍ତଫାପତ୍ରର ନକଲ କଟକ ଜିଲା ଯୁବ ବିଜେଡି ସଭାପତି ସ୍ମୃତିରଞ୍ଜନ ନାୟକଙ୍କୁ ପଠାଇବା ସହ ବିଜେଡି କାର୍ଯ୍ୟକାରିଣୀ ସମ୍ପାଦକ, ରାଜ୍ୟ ଯୁବ ବିଜେଡି ସଭାପତି ଓ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ମଧ୍ୟ ପଠାଇଛନ୍ତି। ୮ ମାସ ହେବ ତାଙ୍କୁ ଦଳରେ ଅଣଦେଖା କରାଯାଉଥିବାରୁ ସେ ଦଳ ଛାଡ଼ିବାକୁ ବାଧ୍ୟ ହୋଇଛନ୍ତି ବୋଲି ଚାଟାର୍ଜୀ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି।

# ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଶୀର୍ଷକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

**ଆଠଗଡ,୧୭ା୫(ସତ୍ୟପ୍ରସାଦ ରଥ)**

ଆଠଗଡ ମିନିଷ୍ଟାଡିୟମରେ ଶୁକ୍ରବାର ଅପରାହ୍ନରେ ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଠଗଡ଼ ଯୁବ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଗଣେଶ୍ୱର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଦିଲ୍ଲୀ ସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ଲକ୍ଷ୍ମଣ ଯାଦବ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଶର ସମ୍ବିଧାନକୁ ସୁରକ୍ଷା ପାଇଁ ସମସ୍ତ ଯୁବକ ସଂକଳ୍ପ ନେବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ପଛୁଆ ବର୍ଗ ଆନ୍ଦୋଳନର ପ୍ରବକ୍ତା ଖବରଦାତା ଅଶୋକ କୁମାର ବରାଳ ମୁଖ୍ୟବକ୍ତା ଯୋଗଦେଇ କହିଥିଲେ, ବିଗତ ସାତ ବର୍ଷ ତଳୁ ବିଧାନସଭାରେ ଧାନର ସହାୟକ ମୂଲ୍ୟ ୨୯୩୦ଟଙ୍କା ପାଇଁ ଦାବି ହେଉଥିବା ବେଳେ କେବଳ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇ ସାଧାରଣ କୃଷକଙ୍କୁ ବିଭ୍ରାନ୍ତ କରାଯାଉଛି। ଭାରତ ସର୍ବୋଚ୍ଚ ଅଦାଲତର ଅଧିବକ୍ତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇ କହିଥିଲେ, ବର୍ତ୍ତମାନ ଦେଶ ଏକ ଘଡିସନ୍ଧି ଭିତରେ ଗତି କରୁଛି। ଗଣତନ୍ତ୍ର ଏହି ମହାନ ପର୍ବରେ ଜଣେ ସଚେତନ ନାଗରିକ ଭାବେ ଠିକ୍ ନିଷ୍ପତ୍ତି ନେବାର ସମୟ ଆସିଛି। ଏହି ଆଲୋଚନାଚକ୍ରରେ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ନିରାକାର ଲେଙ୍କା, ଖବରଦାତା ବିକାଶ ଦୁଆରୀ ମୁଖ୍ୟ ସଂଯୋଜକ ଜଗବନ୍ଧୁ ତୁଙ୍ଗସାମନ୍ତ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

# ୧୮ରୁ ବାଙ୍କୀ ନିର୍ବାଚନ ମଣ୍ଡଳୀରେ ହୋମ ଭୋଟିଂ

**ବାଙ୍କୀ,୧୭ା୫(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସତ୍ୟରଞ୍ଜନ ସାହୁ)**

ବାଙ୍କୀ ନିର୍ବାଚନମଣ୍ଡଳୀରେ ୨୦୨୪ ସାଧାରଣ ନିର୍ବାଚନ ପାଇଁ ହୋମ ଭୋଟିଂ ପ୍ରକ୍ରିୟା ମେ' ୧୮ରୁ ଆରମ୍ଭ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ସମାପନ ହୋଇଛି। ନିର୍ବାଚନ ଆୟୋଗ, ଭାରତଙ୍କ ଦ୍ୱାରା ପ୍ରଥମ ଥର ପାଇଁ ୮୫ ବର୍ଷରୁ ଅଧିକ ଏବଂ ଦିବ୍ୟାଙ୍ଗ ଭୋଟରଙ୍କ ନିମନ୍ତେ ହୋମ୍ ଭୋଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ବାଙ୍କୀ ନିର୍ବାଚନମଣ୍ଡଳୀରେ ୧୧୦ ଜଣ ଭୋଟର ହୋମ ଭୋଟିଂ ପ୍ରକ୍ରିୟାରେ ସାମିଲ ହେବେ। ଏଥିନିମନ୍ତେ ଚାରୋଟି ଦଳ ଗଠନ କରାଯାଇ ପ୍ରତ୍ୟେକ ଟିମ୍‌ରେ ଜଣେ ମାଇକ୍ରୋ ଅବଜରଭର, ୨ଜଣ ପୋଲିଂ ଅଧିକାରୀ, ଜଣେ ଭିଓ ଏବଂ ଜଣେ ପୋଲିସ ଅଧିକାରୀଙ୍କୁ ରଖାଯାଇଛି। ହୋମ ଭୋଟିଂ ନିମନ୍ତେ ଗଠିତ ହୋଇଥିବା ଟିମ୍ ପ୍ରତ୍ୟେକ ଭୋଟରଙ୍କ ପାଖକୁ ଯାଇ ସେମାନଙ୍କ ଭୋଟ ଗ୍ରହଣ କରିବ। ଯଦି ପ୍ରଥମ ଥର କୌଣସି ମତଦାତା ଏହି ସୁବିଧାରୁ ବଞ୍ଚିତ ହୁଅନ୍ତି ତେବେ ବଞ୍ଚିତ ହୋଇଥିବା ମତଦାତାମାନଙ୍କୁ ଦ୍ୱିତୀୟ ଥର ପାଇଁ ହୋମ୍ ଭୋଟିଂର ସୁବିଧା ମେ' ୨୧ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ। କିନ୍ତୁ ଯଦି ଦ୍ୱିତୀୟ ଥର ସେମାନେ ସୁଯୋଗ ହାତଛଡ଼ା କରନ୍ତି ତେବେ ସେମାନେ ପୁନର୍ବାର ମତଦାନ କରିପାରିବେ ନାହିଁ। ନିର୍ବାଚନ ଆୟୋଗ, ଭାରତଙ୍କ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଦ୍ୱାରା ସମସ୍ତ ଶ୍ରେଣୀର ଭୋଟର ମାନେ ସାଧାରଣ ନିର୍ବାଚନରେ ସାମିଲ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

# ନିଜିଗଡ଼ରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ବିଜେଡି କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

**ଟିଗିରିଆ,୧୭ା୫(ଜାଫର ଖାଁ)**

ଟିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁକ୍ରବାର ଟିଗିରିଆ ବିଜେଡି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମାନସ କୁମାର ସାହୁ, ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ, ନିଜିଗଡ ସରପଞ୍ଚ ପ୍ରତିନିଧି ରାଜା ଆଦିତ୍ୟ ପ୍ରସାଦ ମହାନ୍ତି, ସମିତିସଭ୍ୟାଙ୍କ ପ୍ରତିନିଧି ପନିଆଁ ଖାଁ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ରୁପା ଦଳେଇ, କୃଷକ ନେତା ସେକ୍ ଅବଦୁଲ ତୋୟବ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ କର୍ମୀମାନେ ପଞ୍ଚାୟତ ଅନ୍ତର୍ଗତ ନିଜିଗଡ, କରଡାପଲ୍ଲୀ, ଗୋପିନାଥପୁର ଶାସନ ଆଦି ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଯୋଗଦେଇଥିବା ବିଜେଡି ନେତୃତ୍ୱମାନେ ଘରକୁ ଘର ବୁଲି ଆଠଗଡ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ କଟକ ଏମ୍‌ପି ପ୍ରାର୍ଥୀ ଡ. ସନ୍ତୃପ୍ତ ମିଶ୍ରଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ।

# ବିଜେଡିର ରୋଡ୍ ଶୋ'

**କଟକ ସଦର, ୧୭ା୫(ସୁଶାନ୍ତ କୁମାର ଜେନା)**

କଟକ ସଦର ନିର୍ବାଚନ ମଣ୍ଡଳୀର ୪୨ ମୌଜା ଏବଂ ଗତିରାଉତ ପାଟଣାରେ ଶୁକ୍ରବାର ବିଜେଡି ପକ୍ଷରୁ ରୋଡ ଶୋ' କରାଯାଇଥିଲା। ୪୨ ମୌଜାର କଳପଡା, କୂଳସରିଚୁଆଁ, ବେଣ୍ଟକାର, ଦଧିବାମନପୁର, ବ୍ରହ୍ମପୁର, ଖାରକଟା ପଞ୍ଚାୟତରେ ଅନୁଷ୍ଠିତ ରୋଡ୍ ସୋ'ରେ ବିଜେଡି କଟକ ଲୋକ ସଭା ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର ଓ କଟକ ସଦର ବିଧାୟକ ପ୍ରାର୍ଥୀ ଚନ୍ଦ୍ରସାରଥି ବେହେରା ଯୋଗଦେଇ ଭୋଟ ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସରୋଜ କୁମାର ନାୟକ, ବିଭୁତି ଭୂଷଣ ପରିଡ଼ା, ବୀରବର ଲେଙ୍କା, ଶରତ କୁମାର ରାୟ, ମନୋଜ ନାୟକ, ସୂର୍ଯ୍ୟସାରଥି ବେହେରା, ଅଜୟ ଦଳେଇ, ସସ୍ମିତା ମହାର୍ଥା, ମିହିର ପତି ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗତିରାଉତ ପାଟଣାରେ ଅନୁଷ୍ଠିତ ରୋଡ୍ ଶୋ'ରେ ବିଧାୟକ ପ୍ରାର୍ଥୀ ବେହେରା ଓ ଲୋକ ସଭା ପ୍ରାର୍ଥୀ ମିଶ୍ର, ବ୍ଲକ ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସରପଞ୍ଚ ରାକେଶ ବେହେରା, ଅଶୋକ ପାତ୍ର, ମିଲି ସେଠୀ, ଉମାକାନ୍ତ ରାଉତରାୟ, ବିଘ୍ନେଶ୍ୱର ରାଉତ, ସମର ବେହେରା, ରଜନୀକାନ୍ତ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ କୁମାର ମହାଳି ପ୍ରମୁଖ ଯୋଗଦେଇଥିଲେ।

# ଓସ୍‌ମେ ମହିଳା ଶିଳ୍ପୋଦ୍ୟୋଗୀ ସଂଘର ନୂତନ କର୍ମକର୍ତ୍ତା

**ଭୁବନେଶ୍ୱର,୧୭ା୫**

ରାଜ୍ୟର ପ୍ରମୁଖ ଶିଳ୍ପ ସଂଘ ତଥା କଟକ ଖପୁରିଆ ଶିଳ୍ପାଞ୍ଚଳଠାରେ ଥିବା ଓଡ଼ିଶା ଆସମ୍ବଲି ଅଫ୍ ସ୍ମଲ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ ବା ଓସ୍‌ମେ)ର ଓଡ଼ିଶା ମହିଳା ଶିଳ୍ପୋଦ୍ୟୋଗୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ନିକଟରେ ସଂଘର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି।

ଉଲ୍ଲେଖଯୋଗ୍ୟ, ଓସ୍‌ମେ ଓଡ଼ିଶା ମହିଳା ଶିଳ୍ପୋଦ୍ୟୋଗୀ ସଂଘର କେନ୍ଦ୍ରୀୟ ସ୍ୱତନ୍ତ୍ର ସଂଘ ୨୦୨୪-୨୬ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ନିକଟରେ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓସ୍‌ମେର କେନ୍ଦ୍ରୀୟ ଅର୍ଥ ସଚିବ ଆଦିକନ୍ଦ ରାଉତ ଓ ଉପାଧ୍ୟକ୍ଷ ରଣଜିତ୍ କୁମାର ସାହୁ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲାବେଳେ ସଂଘର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ, ମହାସଚିବ ସାତ୍ତ୍ୱିକ ସ୍ୱାଇଁ, ଅତିରିକ୍ତ ସଚିବ ଅଭିଳାଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ମହିଳା ଶିଳ୍ପୋଦ୍ୟୋଗୀ ଶାଖାର ନୂତନ କର୍ମକର୍ତ୍ତା ଜ୍ୟୋତିର୍ମୟୀ ମହାନ୍ତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲାବେଳେ ଉପାଧ୍ୟକ୍ଷ ଭାବେ ଅମ୍ରିତା ପାତ୍ର, ସମ୍ପାଦକ ଅନ୍ୱେଷା ରାଉତ, ଯୁଗ୍ମ ସମ୍ପାଦକ ସୋନାଲି ଶତପଥୀ, ସଙ୍ଗଠନ ସମ୍ପାଦକ ବିଜୟିନୀ ମିଶ୍ର, କାର୍ଯ୍ୟନିର୍ବାହୀ ସମ୍ପାଦକ କଳ୍ପନା ଧଳ, କୋଷାଧ୍ୟକ୍ଷ ସଙ୍ଗୀତା ଦାସ ଏବଂ ସଂଘର ପଲିସି ଆଫେୟାର୍ସ ବୁଝିବା ପାଇଁ ସୁରେଖା ରାଉତରାୟ ପ୍ରମୁଖ ନିର୍ବାଚିତ ହୋଇଥିଲେ। ଅପରପକ୍ଷରେ କଟକ ଜିଲା ମହିଳା ସଂଘ ପାଇଁ ରୀନା ବେହେରା ସମ୍ପାଦକ ଭାବେ ମନୋନୀତ ହୋଇଥିଲେ। କେନ୍ଦ୍ରୀୟ ପରିଚାଳନା ସମିତିକୁ ସଭ୍ୟ ଭାବେ ଚନ୍ଦନା ଦାସ, ରଶ୍ମିତା ପ୍ରସାଦ, ଶିବାନୀ ପଣ୍ଡା, ବନଜା ବେହେରା, ଗାୟତ୍ରୀ ପଟ୍ଟନାୟକ, ପ୍ରଭାତୀ ନାୟକ ଓ କବିତା ସାହୁ ପ୍ରମୁଖ ମନୋନୀତ ହୋଇଥିଲେ। ଏହି ଅବସରରେ ନିର୍ବାଚନ ଅଧିକାରୀ ଆଦିକନ୍ଦ ରାଉତ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଶପଥ ପାଠ କରାଇଥିଲେ।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ଓସ୍‌ମେର କେବଳ ଏହିଭଳି ଏକ ମହିଳା ଶିଳ୍ପୋଦ୍ୟୋଗୀ ବିଭାଗର ସ୍ୱତନ୍ତ୍ର ସଂଘ ସାରା ଓଡ଼ିଶା ପାଇଁ କାମ କରୁଛି।




# ପାଣି ପାଇଁ ୱାର୍ଡବାସୀ ହନ୍ତସନ୍ତ

- **୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଭୂତଳ ପାଇପ ସଂଯୋଗ କରାଯାଇଛି**
- **ନଳକୂପରୁ ଲୌହଯୁକ୍ତ ପାଣି ବାହାରୁଛି**

**ମାହାଙ୍ଗା,୧୭ା୫(ଯଯାତି ସିଂହ)**

ରାଜ୍ୟ ସରକାରଙ୍କ ପକ୍ଷରୁ ପଞ୍ଚାୟତଗୁଡ଼ିକରେ ବସୁଧା ଯୋଜନାରେ ଗାଁକୁ ଗାଁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଇଛି। ମାତ୍ର ଏହି ଯୋଜନାର ଲାଭ ସବୁ ଜାଗାରେ ଜନସାଧାରଣଙ୍କୁ ମିଳିପାରିନାହିଁ। ଏନେଇ ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ସେମାନଙ୍କ କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ଉଦାହରଣ ସାହାପୁର ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମର ବେହେରା ସାହିର ୧୧ ନଂ. ୱାର୍ଡରେ ଦେଖିବାକୁ ମିଳିଛି। ଗ୍ରାମରେ



ଅରିଲୋ ଗ୍ରାମର ବେହେରା ସାହିର ୧୧ ନଂ. ୱାର୍ଡରେ ମହିଳାମାନେ ପାଣି ପାଇଁ ନଳକୂପ ପାଖରେ ବାଲ୍‌ଟି ରଖି ଅପେକ୍ଷା କରିଛନ୍ତି।

ଦୀର୍ଘ ୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଭୂତଳ ପାଇପ ସଂଯୋଗ କରାଯାଇଥିଲେ ସୁଦ୍ଧା ଟୋପାଏ ପାଣି ମିଳୁନାହିଁ। ଫଳରେ ସ୍ଥାନୀୟ ଲୋକେ ପାଣି ପାଇଁ ଡହଳବିକଳ ହେଉଛନ୍ତି । ସାହିରେ ନଳକୂପ ଥିଲେ ମଧ୍ୟ ସେଥିରୁ ଲୌହଯୁକ୍ତ ପାଣି ବାହାରୁଛି । ଫଳରେ ସେମାନେ ବହୁ ରୋଗର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ଏ ନେଇ ବେହେରା ସାହିର ଲୋକେ ସ୍ଥାନୀୟ ପ୍ରଶାସନ ଓ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି। ଏସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସାରଦା ପ୍ରସାଦ ମହାନ୍ତିଙ୍କୁ ପଚାରିବାରେ, ଅଭିଯୋଗ ପାଇଛି। ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ ।

